ଖଣ୍ଡ ୨ ସଂଖ୍ୟା ୪ ଅକ୍ଟୋବର – ଡ଼ିସେମ୍ବର ୨୦୦୩

ଆଇ ଏସ୍ ଏସ୍ ଏନ : ୧୬୮୫ – ୪୦୧୨

STREAM

## ସାପୋଟ୍ ଟୁ ରିଜିଓନାଲ୍ ଏକୁଏଟିକ୍ ରିସୋର୍ସେସ୍ ମେନେଜମେଣ୍ଟ

# ଷ୍ଟ୍ରୀମ୍ ପତ୍ରିକା

**ମତ୍ସ୍ୟଜିବି ଏବଂ କୃଷକ ମାନଙ୍କର ଜିବୀକା ବିଷୟରେ ଜାଣିବା ଏବଂ ଯୋଗାଯୋଗ କରିବା**

ଷ୍ଟ୍ରୀମ୍ ଇନିସିଏଟିଭ୍କୁ ସାହାଯ୍ୟ କରେ ଅସ୍ ଏଆଇଡ଼ି, ଡ଼ି.ଏଫ୍ ଆଇଡ଼ି, ଏଫ୍ ଏଓ ନାକା, ଭି.ଏସ୍ଓ.

କ୍ଷ୍ଣୀମ୍ ଇନିସିଏଟିଭ୍ ଦ୍ୱାରା ପ୍ରକାଶିତ, ନେଟ୍‌ୱାର୍କ ଅଫ୍ ଆକ୍ୱାକଲ୍‌ଚର୍ ସେଣ୍ଟର୍‌ସ ଇନ୍ ଏସିଆ ପେସିଫିକ୍, ସୁରାସ୍ୱାଦି ବିଲ୍‌ଡ଼ିଙ୍ଗ, ମତ୍ସ୍ୟଚାଷ ବିଭାଗ, କାସେଟ୍‌ସାର୍ଟ କ୍ୟାମ୍ପସ୍ ଲେଡ଼ିଆଓ, ଜାଟୁଜାକ୍, ବ୍ୟାଙ୍କକକ୍, ଥାଇଲାଣ୍ଡ ।

ପ୍ରତିଲେଖା (ସୀ) ନାକା କ୍ଷ୍ଣୀମ୍ ଇନିସିଏଟିଭ

ଶିକ୍ଷା ଏବଂ ଅନ୍ୟ ଅଣ-ବ୍ୟବସାୟିକ ଯୋଜନା ପାଇଁ ଏହି ପ୍ରକାଶନର ପୁନଃ ଉତ୍ପାଦନ ହୋଇପାରିବ କେବଳ ଅଧିକାର ପ୍ରାପ୍ତ ପ୍ରକାଶକର ପୂର୍ଣ୍ଣ ସ୍ୱୀକୃତି ଥିଲେ ।

ଏହି ପ୍ରକାଶନର ପୁନଃ ଉତ୍ପାଦନ, ବିକ୍ରୀ କିମ୍ବା ଅନ୍ୟ ବ୍ୟବସାୟୀକ ଉଦ୍ଦେଶ୍ୟ କରିବା ପାଇଁ ମନା, ଯଦି ଅଧିକାର ପ୍ରାପ୍ତ ପ୍ରକାଶକର ସ୍ୱୀକୃତି ନଥାଏ ।

କ୍ଷ୍ଣୀମ୍ ଜର୍‌ନାଲରୁ ଏକ ଉଦାହରଣ ନିଆଗଲା ।

ସୋନ୍‌ତୋଷ୍ ଆର୍ ୨୦୦୨, ପରସ୍ପର ପାଖରୁ ବିବାଦ ବିଷୟରେ ଶିକ୍ଷା କରିବା କ୍ଷ୍ଣୀମ୍ ଜରନାଲ ୧(୧), ୧-୨

# ସୂଚି ପତ୍ର


| | |
|---|---|
| ପଶ୍ଚିମବଙ୍ଗ ଜବାରାହରେ ଦଳ ନିର୍ମାଣର ଏକ ଅନୁଭୂତି<br>ଅମର୍ ପ୍ରସାଦ, ବିରେନ୍ଦ୍ର ସିଂ, ବିନୟ ସହାୟ ଏବଂ ଗୌତ୍ତମ ଦତ୍ତା | ୨ |
| ପଶ୍ଚିମବଙ୍ଗ ଗ୍ରାମ୍ୟ ଗୁଡ଼ିକରେ ଜଳକୃଷି ସ୍ୱୟଂ ସହାୟକ ଦଳ<br>ସତ୍ୟେନ୍ଦ୍ର ତ୍ରିପାଠି, ଗ୍ରାହାମ୍ ହେଲର୍ ଏବଂ ଉଇଲିୟମ୍ ସେଭେଜ୍, ଜଗଦିଶ୍ ଗାଙ୍ଗୱାର, ବିରେନ୍ଦ୍ର ସିଂ, ଗୌତମ ଦତ୍ତା<br>ଏବଂ ପ୍ରଭାତ୍ ପାଠକଙ୍କ ସହଯୋଗରେ | ୪ |
| ଫୁଲୱାର ଟୋଲିର ଶିକ୍ଷା ପ୍ରାପ୍ତି ପାଇଁ ଜବାରାହକୁ ଏକ ବାହ୍ୟିକ ଯାତ୍ରା<br>ଭିମ୍ ନାୟକ ଏବଂ ରୁବୁ ମୁଖାର୍ଜୀ | ୬ |
| ମତ୍ସ୍ୟଚାଷି ଉନ୍ନୟନ ସଂସ୍ଥା ଦ୍ୱାରା ଜୀବିକାନିର୍ବାହରେ ସାହାଯ୍ୟ – ଏକ ସଫଳ କାହାଣୀ ମୟୂରଭଞ୍ଜ, ଓଡ଼ିଶା<br>ଜି.ବି. ପରିଡ଼ା | ୮ |
| ସମ୍ବଳ ଆଧାରିତ ଜୀବିକା ଦ୍ୱାରା କ୍ଷୁଧା ଦୂରିକରଣ ପାଇଁ ଗ୍ରାମୀଣ ସ୍ଥରରେ ମୂଲ୍ୟ ନିର୍ଦ୍ଧାରଣର ବୁଝାମଣା<br>ବିନୟ ସହାୟ | |
| ପି ଆର୍ ଏ ରେ ଦରିଦ୍ର ଶ୍ରେଣୀ ମାନଦଣ୍ଡ | ୧୦ |
| ଇ ଆଇ ଆର୍ ଏଫ୍ ପି ଆକ୍ରମଣସାଧ୍ୟ ଅଭିଭାଷଣର ଏକ ଅନୁଭୂତି<br>ବିନୟ ସାହାୟ | ୧୨ |
| ଷ୍ଟୀମ୍ ସଂବାଦ ସଂପର୍କରେ | ୧୪ |
| ଷ୍ଟୀମ୍ ସମ୍ପର୍କରେ | ୧୫ |


## ସଂକ୍ଷିପ୍ତ ବିବରଣୀ

ଏସ୍ ଜେ ୨ (୪) ଷ୍ଟୀମ୍ ସଂବାଦ ପତ୍ରର ଶ୍ରେଣୀ ଦୁଇ ନମ୍ବର ୪ ହେଉଛି ସର୍ବଭାରତୀୟ ସ୍ତରର ଏକ ସଂଖ୍ୟା ଯାହା ପୂର୍ବ ଭାରତରେ ଥିବା ଷ୍ଟୀମ୍ ସହଯୋଗୀ ମାନଙ୍କର ପ୍ରତିଫଳନ କରେ । ଏହା ଅନ୍ୟ ମାନଙ୍କ ମଧ୍ୟରେ ଜଡ଼ିତ ଯଥା – ଭାରତୀୟ ଏନ୍ ଜି ଓ ଗ୍ରାମୀଣ ବିକାଶ ଟ୍ରଷ୍ଟ (ଜି. ଭି. ଟି ), ଆଦିବାସୀ ସଂପ୍ରଦାୟ ଏବଂ ୩ଟି ରାଜ୍ୟ ସରକାରର ମତ୍ସ୍ୟ ଚାଷ ସଂସ୍ଥା ଯେଉଁଥିରେ କି ଷ୍ଟୀମ୍ ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ବିଶେଷ କାର୍ଯ୍ୟ କରିଥିଲେ ।

ପ୍ରଥମ ତିନୋଟି ପ୍ରବନ୍ଧ ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାର ଜବାରାହ ଏବଂ ଅନ୍ୟଗ୍ରାମ ଗୁଡ଼ିକରେ ସେମାନଙ୍କର ସ୍ଥାପନ ସଂପର୍କରେ ବର୍ଣ୍ଣନା କରେ । ଜି.ଭି.ଟି. ସହଯୋଗୀମାନେ ବର୍ଣ୍ଣନା କରନ୍ତି କିପରି ସ୍ୱୟଂ ସହାୟକ ଦଳ ଗୁଡ଼ିକ ଗ୍ରାମ ଗୁଡ଼ିକରେ ପୂର୍ବ ଉନ୍ନୟନ ଉଦ୍ୟମ ଧାରାଗତ ଭାବେ କରିଥିଲେ । ଷ୍ଟୀମ୍ ସହଯୋଗୀ ମାନେ କିଛି ବର୍ଷ ପରେ ଜବାରାହ କ୍ଷେତ୍ର ଯାତ୍ରା ସମୟରେ କେଉଁ ସଫଳତାର ଶିକ୍ଷା ପାଇଥିଲେ ତାହା ବିଷୟରେ ଲେଖିଥିଲେ । ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଜଣେ ଗ୍ରାମ ପ୍ରତିନିଧି ଭାବେ ବର୍ଣ୍ଣନା କରନ୍ତି ଯେ କିପରି ସେ ତାଙ୍କ ଗୋଷ୍ଠୀ ସହ ସ୍ୱେଚ୍ଛାକୃତ ଭାବେ ଜବାରାହର ସେଇ କ୍ଷେତ୍ର ଯାତ୍ରା ସମୟରେ ଅଂଶ ଗ୍ରହଣ କରି ଫଳାଫଳ ପାଇଥିଲେ ।

ଓଡ଼ିଶାର ଏକ ପଡ଼ୋଶୀ ରାଜ୍ୟ ଗସ୍ତ ବେଳେ, ମୟୂରଭଞ୍ଜର ମତ୍ସ୍ୟ କୃଷକ ଉନ୍ନୟନ ସଂସ୍ଥାର କାର୍ଯ୍ୟକାରୀ ମାନେ ମତ୍ସ୍ୟ ଚାଷୀ ମାନଙ୍କ ସଂପର୍କରେ ଏକ କାହାଣୀ କୁହନ୍ତି ଯେ ଯେଉଁମାନେ କି ସରକାରଙ୍କ ସହଯୋଗରେ ଲାଭବାନ୍ ହେଉଛନ୍ତି । ଶେଷ ଦୁଇ ପ୍ରବନ୍ଧ ଦର୍ଶାଏ ଯେ କିପରି ଜୀବନ ନିର୍ବାହ ପ୍ରବେଶ ଉପାୟ ଏବଂ ଗ୍ରାମ୍ୟ ମୂଲ୍ୟ ଧାରକ ଅଂଶ ମାନଦଣ୍ଡ ଜିଭିଟି ଗ୍ରାମ୍ୟ ଗୋଷ୍ଠୀ ଦ୍ୱାରା ଏହା ବ୍ୟବହାର କରାଯାଇଥାଏ ।

ଆମ୍ଭେମାନେ ଭାରତରେ ଥିବା ଆମ୍ଭ ମାନଙ୍କର ସହଯୋଗୀମାନଙ୍କ ସହ କାର୍ଯ୍ୟ କରିବା ପାଇଁ ସୁଯୋଗର ମୂଲ୍ୟାୟନ କରୁଁ । ବିଶେଷ ଭାବରେ ଆମେ ଗ୍ରାମୀଣ ବିକାଶ ଟ୍ରଷ୍ଟ ଧନ୍ୟବାଦ ଦେବାକୁ ଚାହୁଁ, ରାଞ୍ଚି, ଝାଡ଼ଖଣ୍ଡକୁ ଯେଉଁଥିରେକି ଷ୍ଟୀମ୍ ଇଣ୍ଡିଆ କଣ୍ଟ୍ରି ଅଫିସ୍ ରାଞ୍ଚିରେ ଅବସ୍ଥିତ ତାହାକୁ ପରିଚାଳନା କରେ, ଯେଉଁଠାରେ ରୁବୁ ମୁଖାର୍ଜୀ ଷ୍ଟୀମ୍ କମ୍ୟୁନିକେସନ୍ସ ହବ୍ ମ୍ୟାନେଜର୍ ଭାବେ ଅବସ୍ଥାପିତ ।

ରୁବୁ ମୁଖାର୍ଜୀଙ୍କୁ ବିଶେଷ ଭାବେ ଧନ୍ୟବାଦ ଦେଉଁ ଯେ ତାଙ୍କର ସହଯୋଗ ଦ୍ୱାରା ଆମେ ଏହି ଷ୍ଟୀମ୍ ସଂବାଦପତ୍ରର ଏହି ସଂଖ୍ୟାକୁ ଲେଖିପାରିଲୁ ।

ପଠନ ସୁଖମୟ ହେଉ !

ଗ୍ରାହମ ହେଲର, ଷ୍ଟୀମ ନିର୍ଦ୍ଦେଶକ

ଉଇଲିୟମ ସେଭେଜ୍ ଷ୍ଟୀମ ପତ୍ରିକା ସଂପାଦକ

# ପଶ୍ଚିମବଙ୍ଗର ଜବାରାହରେ ଦଳ ଗଠନର ଏକ ଅନୁଭୂତି

ଅମର୍ ପ୍ରସାଦ, ବିରେନ୍ଦ୍ର ସିଂ, ବିନୟ୍ ସହାୟ୍ ଏବଂ ଗୌତ୍ତମ ଦତ୍ତ

## ଜି·ଭି·ଟିର ପହଁଞ୍ଚିବା ପୂର୍ବରୁ

ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାରେ ଗ୍ରାମ ଗୁଡ଼ିକର ସମଷ୍ଟି ହେଉଛି ଜବାରାହ ଗ୍ରାମ । ଜବାରାହର ଶତକଡ଼ା ୪୮ ଭାଗ ଜମି ଅସମତଳ ଏବଂ ନିମ୍ନ ଉତ୍ପାଦନକ୍ଷମ ଅଟେ । ମରୁଡ଼ି ଏବଂ ଅନିୟମିତ ବର୍ଷା ହେଉଛି ଏଠାକାର ଏକ ସାଧାରଣ ଘଟଣା । ଅଧିକାଂଶ ଗୃହ ମାନଙ୍କର ଲୋକମାନେ ଦିନ ମଜୁରିଆ ଯେଉଁମାନେ କି କାର୍ଯ୍ୟ ଅନ୍ୱେଷଣରେ ଗାଁ ଛାଡ଼ି ଅନ୍ୟସ୍ଥାନକୁ ଯାଇଥାନ୍ତି । ଜବାରାହର ଜନସଂଖ୍ୟାର ଅଧିକାଂଶ ଜନ ହରିଜନ ଅଟନ୍ତି ।

**ଇ ଆଇ ଆର ଏଫ୍ ପି ର ଅଂଶ ଗ୍ରହଣକାରୀ ଉଦ୍ୟଗ ।**

ଇ ଆଇ ଆର ଏଫ୍ ପି ଆଦିବାସୀ ଓ ଅଭାବଗ୍ରସ୍ତ ପୁରୁଷ ଓ ମହିଳା ମାନଙ୍କ ଧୃତ ଅଂଶଗ୍ରହଣ ଦ୍ୱାରା ସେମାନଙ୍କର ଜୀବିକା ନିର୍ବାହକକୁ ସ୍ୱେଚ୍ଛାକୃତ ଭାବେ ଉନ୍ନତି କରାଇବା ପାଇଁ ପଦକ୍ଷେପ ନେଇଥିଲା । ପଶ୍ଚିମବଙ୍ଗର ଜବାରାହ ଏକ ଗରିବ ଗ୍ରାମରେ ଏକ ଯୋଜନା କାର୍ଯ୍ୟ ଆରମ୍ଭ କଲା ଯେ କି ଗୋଷ୍ଠୀ ମାନଙ୍କୁ ସେମାନଙ୍କର ନିଜର ଉନ୍ନତି ନିମନ୍ତେ ଏକତ୍ରିତ ଭାବେ ମିଶି କାର୍ଯ୍ୟ କରିବା ପାଇଁ ସୁଯୋଗ ବା ସହୟତା ଯୋଗାଇଲା । ଏହି ଗୋଷ୍ଠୀ ଦୁଇଟି ପୁରୁଷ ଦଳ ଦ୍ୱାରା ପରିଚ଼ାଳିତ ହେଲା ଯେଉଁମାନେ ହେଲେ ପଦ୍ମଲୋଚ଼ନ ଏବଂ ନବୋଦୟ୍ (ନଅ ବା ଦଶ ଜଣଙ୍କ ଦ୍ୱାର ଗଠିତ) ଏବଂ ଦୁଇଟି ମହିଳା ଦଳ ମହାମାୟା ଏବେ ଶିଳାୱତୀ (ପ୍ରତ୍ୟେକ ଦଶ ଜଣ ସଦସ୍ୟଙ୍କ ଦ୍ୱାରା) ଏବଂ ଅନ୍ୟଟି ମା ସନ୍ତୋଷୀ ନାମରେ ନାମିତ କରାଗଲା । ଯାହାକି ୧୯୯୭ରେ ସ୍ଥାପନ କରାଗଲା ।

ଗୋଷ୍ଠୀର ଲୋକମାନେ ଧିରେ ଧିରେ ଦଳର ଗୁରୁତ୍ୱ ସଂପର୍କରେ ବାସ୍ତବତା ଅନୁଭବ କଲେ । ଏହା ସେମାନଙ୍କ ମଧ୍ୟରେ ଏକ ଉଚ୍ଚବିଶ୍ୱାସ ସୃଷ୍ଟି କଲା । ଏହାପରେ ସେମାନେ ନିଜର ନିକଟ ଗ୍ରାମ୍ୟ ବ୍ୟାଙ୍କ ଗୁଡ଼ିକରେ ଯାଇ ନିଜର ଖାତା ଖୋଲିଲେ ଏବଂ ଦଳଗତ କାର୍ଯ୍ୟ କରିବାପାଇଁ ନିୟମ ନିର୍ଦ୍ଧାରଣ କଲେ । ଏହାପରେ ସେମାନେ ନିଷ୍ପତ୍ତି ନେଲେ ଯେ ସେମାନେ ଏକ କେନ୍ଦ୍ର – କମିଟି ଗଠନ କରିବେ ଏବଂ ତାର ନାଁ ଜୋତେ ଷୋଳା ଆନା ରଖିଲେ ଯାହାକି ପାଞ୍ଚୋଟି ଦଳର କାର୍ଯ୍ୟଗୁଡ଼ିକୁ ନିଜର ଆୟତାଧିନ ମଧ୍ୟରେ ରଖିବ ।

**ଦଳ ସଭ୍ୟମାନଙ୍କର କ୍ଷମତା ଗଠନ**



ଜାନକାରମାନଙ୍କର କ୍ଷମତା ଗଠନ

ଇ ଆଇ ଆର୍ ଏଫ୍ ପି ଦଳର ସଭ୍ୟ ମାନଙ୍କ ଦ୍ୱାରା ଗଠନ କରାଯାଇଥିବା ଗ୍ରାମ ଗୁଡ଼ିକର ଉନ୍ନତି, ଦକ୍ଷତା ଏବଂ ସେମାନଙ୍କର କାର୍ଯ୍ୟ କ୍ଷମତାକୁ ପ୍ରତ୍ୟକ୍ଷ ଦର୍ଶନ କଲା । ଏହି ଯୋଜନା ସଭ୍ୟମାନଙ୍କୁ ଜାନକାରମାନଙ୍କୁ ଚ଼ିହ୍ନଟ କରିବାର ସୁଯୋଗ ଦେଲା ଯେଉଁମାନଙ୍କର ବିଭିନ୍ନ କାର୍ଯ୍ୟ, ଦକ୍ଷତା ବିଷୟରେ ମଧ୍ୟ ରୁଚ଼ି ଥିଲା । ସେହି ଜାନକାରମାନଙ୍କୁ ପ୍ରଶିକ୍ଷିଣ ଏବଂ ତାଲିମ୍ ଦିଆଯାଇଥିଲା ଯାହା ଫଳରେ କି ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଥିଲା । ଜାନକାରମାନେ ଏହି ସବୁ ବିଷୟରେ ତାଲିମ୍ପ୍ରାପ୍ତ ହୋଇଥିଲେ, ସେଗୁଡ଼ିକ ହେଲା ଦଳ ଗଠନ, ପରିଚ଼ାଳନା ସଞ୍ଚୟ୍ ଏବଂ ଋଣ, ଦଳ ଗତ ଜମା ଅର୍ଥ ପରିଚ଼ାଳନା, ଫସଲ, ଜଳକୃଷି, ବୃକ୍ଷ, ଭୂମି ଏବଂ ଜଳ ସଂରକ୍ଷଣ, ଗୃହପାଳିତ ପଶୁ ଏବଂ ପରିବାର ଜମିବିହୀନ ଥିଲେ ସେମାନଙ୍କ ପାଇଁ ଅନ୍ୟାନ୍ୟ ଉତ୍ପାଦନକ୍ଷମ କାର୍ଯ୍ୟ (ତାହା ହେଉଛି ପତର ଥାଳି ତିଆରି, ବା ଖଲି, ଦଉଡ଼ି ତିଆରିକରିବା ଏବଂ କୁକୁଡ଼ା ଚ଼ାଷ)

୧– ପ୍ରଥମେ ନିୟନ୍ତ୍ରିତ ହେଉଥିଲା କେ ଆର ଆଇ ବି ଏଚ ସି ଓ ଦ୍ୱାରା ଏକ ସରକାରୀ ସାର କମ୍ପାନୀ ଏବଂ ୨୦୦୦ ମସିହା ପାଖରୁ ଗ୍ରାମୀଣ ବିକାଶ ଟ୍ରଷ୍ଟ ଦ୍ୱାରା ନିୟନ୍ତ୍ରିତ ହେଉଛି । ଏହା ଗୋଟିଏ ସ୍ୱୟଂ ଚ଼ାଳିତ ସଂସ୍ଥା ଯାହାକୁ ଇଆଇଆରଏଫପି ଦ୍ୱାରା ବୃଦ୍ଧି ଓ କେଆରଆଇବିଏଚସିଓ ଦ୍ୱାରା ଉନ୍ନତ କରାଯାଇଛି ।

ଜଳକୃଷି ଦ୍ୱାରା ଜାନକାରମାନଙ୍କୁ ବଡ଼ ଜାଆଁଳ ଛଡ଼ା ହେବା ପୋଖରୀ ପରିଚ଼ାଳନା ଏବଂ ଜଳ ଶୋଧନ ବିଷୟରେ ତାଲିମ୍ ଦିଆଯାଇଥାଏ । ତାଲିମ୍ ପ୍ରାପ୍ତ ମାନେ ବ୍ୟାଖ୍ୟା କଲେ ଯେ ଏହି ତାଲିମ୍ କେବଳ ସେମାନଙ୍କର ବିଶ୍ୱାସ ବଢ଼ାଇ ନଥିଲା କିନ୍ତୁ ସେମାନେ ଯାହା ଶିଖିଲେ ତାହା ମଧ୍ୟ ଗ୍ରହଣ କରି କାର୍ଯ୍ୟକାରୀ କଲେ କାରଣ ଏହି ତାଲିମ୍, ସମୟାନୁବର୍ତ୍ତୀ, ଏବଂ ବାସ୍ତବ ଥିଲା ।

**ଗ୍ରାମ ଗୁଡ଼ିକରେ ଜଳକୃଷିର କାର୍ଯ୍ୟକ୍ରମ –**

ଯେଉଁ ପୋଖରୀରେ ମତ୍ସ୍ୟ ଚ଼ାଷ କରାଯିବ ସେହି ପୋଖରୀଗୁଡ଼ିକୁ ଦଳ ଚ଼ିହ୍ନଟ କରୁଥିଲେ । ସେମାନେ ସେହି ପୋଖରୀଗୁଡ଼ିକୁ ଜମିଦାର ମାନଙ୍କଠାରୁ (୩୦୦ ଟଙ୍କା ପାଖାପାଖି ଅଥବା ୟୁଏସ୍ ଡ଼ଲାର ୬ରେ) କିଣୁଥିଲେ ଯାହାକି ପ୍ରତ୍ୟେକ ଗୃହ ଦ୍ୱାରା ଏବଂ ଦଳର ଜମା ଅର୍ଥ ଦ୍ୱାରା ବିଭିନ୍ନ କାର୍ଯ୍ୟ ଗୁଡ଼ିକରୁ ଉତ୍ପନ୍ନ କରାଯାଉଥିଲା । ସେମାନେ ମତ୍ସ୍ୟଚ଼ାଷକୁ ବିଭିନ୍ନ ଉନ୍ନତ କୌଶଳ ଦ୍ୱାରା ଆରମ୍ଭ କଲେ ବଡ଼ ଜାଆଁଳ ଏବଂ ମାଛ ମାନଙ୍କର ଖାଦ୍ୟପାଇଁ ଇ ଆଇ ଆର୍ ଏଫ୍ ପି ଠାରୁ ଆର୍ଥିକ ସହଯୋଗ ପାଇଲେ ।



**ଅମଳର ସଫଳତା**

ଏକ କ୍ଷୁଦ୍ର ପ୍ରାରମ୍ଭରୁ ଦଳ ଏକ ବୃହତ୍ ଜଳକୃଷି କାର୍ଯ୍ୟକ୍ରମ ଦୁଇ ବର୍ଷର ଏକ ଛୋଟ ସମୟ ମଧ୍ୟରେ ଆରମ୍ଭ କରିଥିଲେ ବର୍ତ୍ତମାନ ସେମାନେ ଏହା ସଫଳ ଭାବେ ଓ ଦ୍ରୁତଗତିରେ କାର୍ଯ୍ୟ କରିଚ଼ାଲିଛନ୍ତି ।

ଦଳର ଲୋକମାନେ ମାଛ ଅମଳ ଏକତ୍ର ମିଶି କରିଥାନ୍ତି, କିନ୍ତୁ ବଜାରରେ ବିକ୍ରୀ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଦ୍ୱାରା କରାଯାଇଥାଏ ଯେଉଁମାନେ କି ସେହି ମାଛ ଗୁଡ଼ିକୁ ଦଳ ମାନଙ୍କ ଠାରୁ କିଣିଥାନ୍ତି ଏବଂ ପାଖା ପାଖି ସ୍ଥାନ ମାନଙ୍କରେ ନେଇ ବିକ୍ରୟ କରିଥାନ୍ତି । ଜଣେ ମାଛ ଧରାଳୀ ସ୍ତ୍ରୀ ଲୋକ ଶ୍ରୀମତୀ ଥଣ୍ଡା ମାହାତ, ମାଛ ଗୁଡ଼ିକୁ ସେହି ଦଳ ମାନଙ୍କରୁ କିଣି ଦିନକୁ ୧୦୦ ରୁ ୧୫୦ ଟଙ୍କା ସପ୍ତାହର ତିନି ଚ଼ାରିଦିନ ପର୍ଯ୍ୟନ୍ତ ଉପାର୍ଜନ କରନ୍ତି । ସେ ସେହି ଅର୍ଥ ଦ୍ୱାରା ନିଜର ପରିବାର ଚ଼ଳାନ୍ତି ଏବଂ କିଛି ଅର୍ଥ ପୋଷ୍ଟ ଅଫିସ୍‌ରେ ଜମା କରନ୍ତି ।

**ସରକାର ଏବଂ ଏନ୍.ଜି.ଓ ସହିତ ସଂଯୋଗ – ଆଦାନ ପ୍ରଦାନର ସୁଯୋଗ**

ଦଳଗୁଡ଼ିକର ସଂଖ୍ୟା ଧିରେ ଧିରେ ବଢ଼ିବାରେ ଲାଗିଲାଣି ଏବଂ ବର୍ତ୍ତମାନ୍ ସେଗୁଡ଼ିକ ୧୪ଟି ଦଳ ହୋଇ କେନ୍ଦ୍ର କମିଟିକୁ ପ୍ରତିନିଧିତ୍ୱ କରୁଛନ୍ତି । ତାଲିମ୍ ନେବା ସମୟରେ କୃଷକ ମତ୍ସ୍ୟଚ଼ାଷ ଅଧିକାରୀମାନଙ୍କ ଠାରୁ ସରକାର କିପରି ମତ୍ସ୍ୟ ଚ଼ାଷ କାର୍ଯ୍ୟକ୍ରମ ଗୁଡ଼ିକରେ ସୁବିଧା ଯୋଗାଇଦିଏ ସେ ବିଷୟରେ ଶିକ୍ଷା ଗ୍ରହଣ କରିଛନ୍ତି । ଗୋଷ୍ଠୀର ଜନସାଧାରଣ ପଞ୍ଚାୟତ ସମିତିର ପରାମର୍ଶରେ ପୋଖରୀ ଗୁଡ଼ିକୁ ୧୧,୦୦୦ଟଙ୍କାରେ ପୂର୍ଣ୍ଣ ସଂସ୍କାର ଦେବା ପାଇଁ ଆବେଦନ କରିଥିଲେ । ସେମାନେ ମଧ୍ୟ ବିହନ, ଜାଲ, ଏବଂ ଅନ୍ୟାନ୍ୟ ଦରକାରୀ ଜିନିଷ ପାଇଁ ଅନୁମୋଦନ ପାଇଲେ ।

ଗ୍ରାମୀଣ ବିକାଶ ଟ୍ରଷ୍ଟର ଉଦ୍ୟମ ସାମାଜିକ ଓ ମାନବିକ ପୁଞ୍ଜିରେ କେନ୍ଦ୍ରୀଭୂତ ହୋଇଥାଏ ଯାହାକି ଗ୍ରାମବାସୀମାନଙ୍କ ଜୀବିକା ନିର୍ବାହରେ ପରିବର୍ତ୍ତନ ନିମନ୍ତେ ନେତୃତ୍ୱ ଗ୍ରହଣ କରିଥାଏ, ଏବଂ ଆଖପାଖରେ ଗ୍ରାମବାସୀମାନଙ୍କ ପାଇଁ ଏହା ଏକ ଉଦାହରଣ ସ୍ୱରୁପ ହୋଇଥାଏ । ଦଳର ଲୋକମାନେ ଏକ ସ୍ପଷ୍ଟ ଦୃଷ୍ଟିକୋଣ ଓ ଉତ୍ତମ ବୁଝାମଣା ସହିତ ସେମାନଙ୍କ ଗ୍ରାମଗୁଡ଼ିକର ଉନ୍ନତି ସାଧନ ନିମନ୍ତେ ବିଶୁଦ୍ଧ ବା ଏକ ଧାର୍ମିକ ଯୋଜନା ତିଆରି କରିଥାନ୍ତି । ଗ୍ରାମବାସୀମାନେ ମଧ୍ୟ ଜି ଭି ଟି ଭଳି ଏନ୍ ଜି ଓ ଗୁଡ଼ିକର କାର୍ଯ୍ୟ ଗୁଡ଼ିକୁ ସେମାନଙ୍କର ନୂତନ ଦିଗର ପରିବର୍ତ୍ତନ ପାଇଁ ସ୍ୱୀକୃତି ଦେଇଥାନ୍ତି ।

(ଅମର ପ୍ରସାଦ, ବିରେନ୍ଦ୍ର ସିଂ, ବିନୟ ସାହାୟ ଏବଂ ଗୌତ୍ତମ ଦତ୍ତା ଏମାନେ ଗ୍ରାମୀଣ ବିକାଶ ଟ୍ରଷ୍ଟର ସଦସ୍ୟ । ସେମାନଙ୍କର ସମ୍ମାନ ସୂଚ଼କ ସ୍ଥାନ ହେଉଛି – ଚ଼ିଫ୍ ଏକ୍‌ଜୁକୁଟିଭ୍ ଅଫିସର୍, ପ୍ରୋଜେକ୍ଟ ମ୍ୟାନେଜର (ଜି ଭି ଟି ଇ ଏବଂ ଫିଲ୍ଡ ସ୍ପେଶାଲିଷ୍ଟ ଏକ୍ୱାକଲ୍‌ଚର୍ (ପଶ୍ଚିମବଙ୍ଗ) <rch-gvteirfp@sancharnet.in> ଏହା ଦ୍ୱାରା ସେମାନଙ୍କ ସହ ସଂଯୋଗ କରିପାରିବେ ।

୨ ସ୍ଥାନୀୟ ସରକାରୀ ସ୍ତର

## ପଶ୍ଚିମବଙ୍ଗର ଗ୍ରାମ ଗୁଡ଼ିକରେ ଜଳକୃଷି ସ୍ୱୟଂ ସହାୟକ ଦଳ

ସତ୍ୟେନ୍ଦ୍ର ତ୍ରିପାଠି, ଗ୍ରାହାମ୍ ହେଲର୍ ଏବଂ ଉଇଲିୟମ୍ ସାଭେଜ୍ ସହ
ଜଗଦୀଶ୍ ଗାଙ୍ଗୱାର, ବୀରେନ୍ଦ୍ର ସିଂ, ଗୌତମ ଦତ୍ତା ଏବଂ ପ୍ରଭାତ ପାଠକ ।

**ଜବାରାହକୁ ପୁନରାଗମନ –**

୧୯୯୬ ମସିହାରେ ଜଳକୃଷି ଉନ୍ନୟନ ଅଧିକାରୀମାନେ ଇଷ୍ଟର୍ନ ଇଣ୍ଡିଆ ରେନ୍‌ଫେଡ୍ ଫାର୍ମିଙ୍ଗ୍ ପ୍ରୋଜେକ୍ଟ (ଇ ଆଇ ଆର ଏଫ ପି) ସହିତ ସତ୍ୟେନ୍ଦ୍ର ତ୍ରିପାଠୀ ଏବଂ ଗ୍ରାହାମ୍ ହେଲର୍ ପଶ୍ଚିମବଙ୍ଗର ଜବାରାହ ନାମକ ଏକ ଗ୍ରାମକୁ ଭ୍ରମଣରେ ଯାଇଥିଲେ । ସେହି ସମୟରେ ଶତକଡ଼ା ୬୦ ଭାଗ ଗ୍ରାମବାସୀ ମାନେ ପୁରା ବର୍ଷର ଖାଦ୍ୟ ସଂଗ୍ରହ କରିବା ପାଇଁ ଅକ୍ଷମ ଥିଲେ, ଏବଂ ଚାଷ ଉତ୍ପାଦନ ସମୟରେ ଅଧିକାଂଶ ଲୋକ ଗାଁ ଛାଡ଼ି ବାହାରକୁ ପରିଶ୍ରମ କରି କିଛି ଅର୍ଥ ଉପାର୍ଜନ ନିମନ୍ତେ ଚାଲିଯାଉଥିଲେ । ପାଖାପାଖି ଏକ ଚତୁର୍ଥାଂଶ ଗ୍ରାମବାସୀମାନେ ସେମାନଙ୍କ ଜରୁରୀକାଳୀନ ଖାଦ୍ୟ ଓ ଔଷଧ ନିମନ୍ତେ ସାହୁକାର ମାନଙ୍କର ଋଣ ଉପରେ ନିର୍ଭର କରୁଥିଲେ । ପିଲାମାନେ ୪ କି.ମି. ଦୂରରେ ଥିବା ବିଦ୍ୟାଳୟକୁ ଚାଲି ଚାଲି ଯାଉଥିଲେ । ଏବଂ ସବୁଠାରୁ ପାଖ ବ୍ୟାଙ୍କକୁ ଯିବାକୁ ହେଲେ ଜଣଙ୍କୁ ୫ କି.ମି. ଯିବାକୁ ପଡୁଥିଲା । ବନ୍ୟା ଏବଂ ମରୁଡି ସତ୍ତ୍ୱେ ତିନି ଚତୁର୍ଥାଂଶ ଜବାରାହ ଗ୍ରାମବାସୀ ଧାନଚାଷ କରୁଥିଲେ, ଅନ୍ୟ କୃଷକମାନେ ଋତୁକାଳୀନ ଖରୀଫ ଓ ରବି ଫସଲ ପାଇଁ ସେମାନେ ମୂଲ ଲାଗୁଥିଲେ, ଇଟା ତିଆରି କରୁଥିଲେ ଓ ଅନ୍ୟମାନେ ଗାଁରେ ବିବାହ ଆଦି କାର୍ଯ୍ୟରେ ବାଦ୍ୟ ବଜାଉଥିଲେ । ଦୁଇ ତୃତୀୟାଂଶ ପୁରୁଷ ଓ ସେମାନଙ୍କଠାରୁ ଆହୁରି କମ୍ ସଂଖ୍ୟକ ମହିଳା ପଢ଼ିପାରୁଥିଲେ ।

୧୯୯୫ମସିହାରେ, ଦି ଇଣ୍ଡିଆନ୍ ଫର୍ଟିଲାଇଜର କୋପୋରେଟିଭ, ଦି କୃଷକ ଭାରତୀ କୋପରେଟିଭ (କେ ଆର୍ ଆଇ ବି ଏଚ ସି ଓ) ୟୁକେ ଗଭର୍ନମେଣ୍ଟସ୍ ଡ଼ିପାର୍ଟମେଣ୍ଟ ଫର୍ ଇଣ୍ଟରନ୍ୟାସ୍‌ନାଲ ଡ଼େଭେଲପ୍‌ମେଣ୍ଟ (ଡ଼ିଏଫ୍‌ଆଇଡ଼) ସହିତ ମିଶି ସାମାଜିକ ପୁଞ୍ଜି ଗଠନକୁ କିପରି ପରିଚାଳନା କରିପାରିବେ ସେଥି ପାଇଁ ଦଳକୁ ଆସି ଯୋଜନା ତିଆରି କରିବା ପାଇଁ ଲୋକମାନଙ୍କୁ ଉତ୍ସାହିତ କରିଥାନ୍ତି ।

ବିରେନ୍ଦ୍ର ସିଂ ଏକ ପ୍ରସ୍ତାବ ରଖିଲେ ଯେ "କିପରି ଏକ ସମର୍ପିତ ଗୋଷ୍ଠୀ ପରିଚାଳକଙ୍କ ଦ୍ୱାରା ଏକ ଉଚ୍ଚକୋଟୀର ପ୍ରେରଣା ଏବଂ ଜାଗୃତି ମାଧ୍ୟମରେ ଗୋଷ୍ଠୀ ମଧ୍ୟରେ ଏବଂ ଗୋଷ୍ଠୀ ଦ୍ୱାରା ସାମାଜିକ ପୁଞ୍ଜି ଗଠନ ହୋଇପାରିବ" ।

୨୦୦୩ ସେପ୍‌ଟେମ୍ବରରେ ଆମ୍ଭେମାନେ ଗ୍ରାମୀଣ ବିକାଶ ଟ୍ରଷ୍ଟ (ଜିଭିଟି), ଦି ଏନ୍ ଜି ଓ ଯାହାକି ଇ ଆଇ ଆର ଏଫ୍ ପିରୁ ବାହାରି ଥିଲା ଏବଂ ଅଜିତ୍ ବାନାର୍ଜୀ ଲୁର୍ଧୁକାର ନିକଟତର ଥିବା ମଉଭୂମ ଗ୍ରାମୀଣ ବ୍ୟାଙ୍କର ମ୍ୟାନେଜରଙ୍କ ସଙ୍ଗେ ଜବାରାହ ଯିବାର ସୁଯୋଗ ପାଇଥିଲୁ । ୩ଟି ଉତ୍ସାହିତ ଦଳରୁ ୪୦ରୁ ଅଧିକ ସୁସଂଗଠିତ ସ୍ୱୟଂ ସେବୀ ସଂସ୍ଥା ଗଢ଼ି ଉଠିଥିଲେ କେବଳ ଜବାରାହ ଗ୍ରାମରେ ନୁହେଁ କିନ୍ତୁ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ମାନଙ୍କରେ ମଧ୍ୟ ଗଢ଼ି ଉଠିଥିଲା ।

**ଡ଼ୋବା ପଦ୍ଧତି**

ଅନେକ ସ୍ଥାନୀୟ ପରିବାର ଭଳି ଦଳର ଲୋକମାନଙ୍କର ମତ୍ସ୍ୟ ଚାଷ କେନ୍ଦ୍ର ଅନୁଯାୟୀ ମତ୍ସ୍ୟଚାଷ କରିବା ପାଇଁ ସେମାନଙ୍କର ନିଜସ୍ୱ ଜଳାଶୟ ନାହିଁ ବା ସେମାନେ ବିସ୍ତୃତ ଭାବେ ମତ୍ସ୍ୟ ଉତ୍ପାଦନ ନିମନ୍ତେ ସ୍ଥାୟୀ ଜଳାଶୟ ପାଇପାରନ୍ତି ନାହିଁ । ନିତ୍ୟ ଗୋପାଳ ଯେ କି ଜାନ୍‌କାର୍ ଦଳର ଜଣେ ସଦସ୍ୟ ସେ କହନ୍ତି ବୃଷ୍ଟିପାତ ଜମିରେ ଜଳର ଚାହିଦା ବହୁତ । କେବଳ ଜଣେ ଧନୀ ବ୍ୟକ୍ତି ହିଁ ଏହା ଦ୍ୱାରା ସ୍ଥାୟୀ ଜଳାଶୟ କରିପାରିବ । ସ୍ୱୟଂ ସେବୀ ସଂସ୍ଥା ମାନେ ଛୋଟ ଛୋଟ ବର୍ଷାକାଳୀନ ପୋଖରୀ ବା ଡ଼ୋବା ମାନଙ୍କରେ ବଡ଼ ଜାଆଁଳ ଉତ୍ପାଦନ କରନ୍ତି ଏବଂ ସେଗୁଡ଼ିକ ନେଇ ବଡ଼ ପୋଖରୀମାନଙ୍କରେ ଚାଷ ପାଇଁ ଛାଡ଼ନ୍ତି । ଇ ଆଇ ଆର ଏସ୍ ପି ଦ୍ୱାରା ଏହି ଧାରଣା ପରିଚିତ କରାଯାଇଥିଲା । ଏହା ଡ଼ୋବା ପଦ୍ଧତି ନାମରେ ନାମିତ କରାଗଲା । ପଶ୍ଚିମବଙ୍ଗ ଜି ଭି ଟିର ରାଜ୍ୟ ସହ ପରିଚାଳକ ଶ୍ୟାମଲାଲ୍ ଯାଦବ କହନ୍ତି ଯେ ଡ଼ି ଏଫ ଆଇ ଡ଼ି ଓ ଏନ୍ ଆର୍ ଏସ୍ ପି ର ମିଳିତ ସହଯୋଗରେ ଲୋକମାନଙ୍କର ଜଳକୃଷିର ସୁଯୋଗ ଯାହାକି ବର୍ଷାକାଳୀନ ଜଳାଶୟ ଏବଂ ଡ଼ୋବା ସାହାଯ୍ୟରେ କରାଯାଏ ୧୯୯୬–୨୦୦୦ ଭିତରେ ତାହାର ଏକ ଖୋଜ୍ କାର୍ଯ୍ୟ କରାଗଲା । ସେହି ଯୋଜନାଟି ହେଉଛି "ପୂର୍ବ ଭାରତର ମାଳ ଭୂମି ଅଞ୍ଚଳରେ କୃଷି କାର୍ଯ୍ୟ ସହିତ ମିଳିତ ଭାବରେ ମତ୍ସ୍ୟ ଚାଷ " ରାକେଶ ରହମାନ୍ ନାମକ ଏକ ଆଦିବାସୀ ନାଟ୍ୟକାରର ଲିଖିତ "ଛୋଟ ମାଛର ପୋଖରୀ" ନାମକ ପଥନାଟକ, ଯାହାକି ପ୍ରକଳ୍ପର ଟଙ୍କା ଦ୍ୱାରା ତିଆରି, ଏଥିରେ ଦର୍ଶାଯାଇଛି ଗ୍ରାମବାସୀ ମାନଙ୍କର ଜୀବନ ଯାପନ, ଗ୍ରାମ ଛାଡ଼ି ଅନ୍ୟତ୍ର ଦୀନମଜୁରୀର କାର୍ଯ୍ୟ ବଦଳରେ ଡ଼ୋବାରେ ମାଛ ଚାରା ଚାଷ କରିବା ବିଷୟ ।



**ଜବାରାହର ଏକ ଋତୁକାଳୀନ ପୋଖରୀରେ ମାଛ ଜାଆଁଳର ଲାଳନ ପାଳନ ହେଉଛି ।**

**ଏହି ପଦ୍ଧତି କିପରି କାର୍ଯ୍ୟକରେ ସେ ବିଷୟରେ ନିତ୍ୟ ଗୋପାଳ ବର୍ଣ୍ଣନା କରନ୍ତି –**

ଆମେ ଏହି ଡ଼ୋବା ଡ଼ିସେମ୍ବର ମାସଠାରୁ ପ୍ରସ୍ତୁତ କରୁଁ । ବର୍ଷା ଆସିବା ସମୟରେ ବିହନ କିଣିଥାଉ ।  ପାଣିର ପ୍ରକାର ଜାଣିବା ପାଇଁ ଲିଟ୍ ମାସ୍ ପେପାରରେ ଚୁନା ଦେଇ ପରୀକ୍ଷା କରୁ ଏବଂ ସେ ପେପର୍ ଗୋଲାପି କି ଲାଲ୍ ରଙ୍ଗ ହୁଏ ତାହା ଦେଖୁଁ । ଏବଂ ଆମ୍ଭମାନେ ପ୍ଲାକଟନ୍ ନେଟ୍ ଦ୍ୱାରା ପ୍ରତି ୩ ରୁ ୭ ଦିନ ମଧ୍ୟରେ ଖାଦ୍ୟର ପରିମାଣ ଏବଂ ଉର୍ବରତାକୁ ମାପି ଥାଉ । ଯଦି ମାଛ ଜାଆଁଳ ଏକ ପୋଖରୀରେ ଅଧିକ ସଂଖ୍ୟକ ହୋଇଯାଏ, ତେବେ କିଛି ମାଛ ଜାଆଁଳକୁ ଅନ୍ୟ ଏକ ବର୍ଷାକାଳୀନ ଜଳାଶୟକୁ ସ୍ଥାନାନ୍ତରିତ କରିଦିଆଯାଏ । ଏହି ବର୍ଷାକାଳୀନ ଜଳାଶୟରେ ସିଲ୍‌ଭର୍‌କାପ୍ ୨୫୦–୩୦୦ଗ୍ରା ପର୍ଯ୍ୟନ୍ତ ଏବଂ ରୋହି, କାତ୍‌ଲା ଓ ମିରିକାଳି ମାଛ ୫୦ରୁ ୧୦୦ଗ୍ରା ପର୍ଯ୍ୟନ୍ତ ବଢ଼ିଥାଏ । ଯଦି ସେପ୍‌ଟେମ୍ବରରୁ – ଅକ୍ଟୋବରରେ ବର୍ଷା ହୁଏ, ତେବେ ଜାନୁୟାରୀ ମାସ ପର୍ଯ୍ୟନ୍ତ ଜଳାଶୟରେ ପାଣି ରହିଥାଏ । ସେହି ସମୟରେ ଭାରତୀୟ ବଡ଼ ମାଛ ଗୁଡ଼ିକ ୨୫୦–୩୦୦ଗ୍ରା ଏବଂ ସିଲ୍‌ଭର୍‌କାପ୍ ମାଛ ୫୦୦ ଗ୍ରାମରୁ ଅଧିକ ହୋଇଥାଏ ।

ନିତ୍ୟ ଗୋପାଳ କୁହନ୍ତି "ଆମ୍ଭେମାନେ ୩୦ଟଙ୍କା କେ.ଜି. ରେ ମାଛ ଖାଉ", ଯେତେବେଳେ କି କୁକୁଡ଼ା ୧ କେ.ଜି.କୁ ୧୦୦ଟଙ୍କା ହୁଏ । ଯଦି ଆମେ ମାଂସ ଖାଇବାକୁ ଚାହୁଁ ତେବେ ଅନେକ ଲୋକ ମିଶି ତାହା ଖାଇପାରୁ କିନ୍ତୁ ସେହି ସମୟରେ ମାଛ ଜଣେ ବା ଦୁଇ ଜଣରେ ଖାଇହେବ । ଆମ୍ଭ ମାନଙ୍କର ଉତ୍ପାଦନ ମଧ୍ୟ ଅଧିକ । ଯେତେବେଳେ ଆମେ ଏକ ବର୍ଷାକାଳୀନ ପୋଖରୀରେ ଅଧିକ ଜାଆଁଳ ସଞ୍ଚିତ କରି ରଖିବା ସେଗୁଡ଼ିକ ବଢ଼ିପାରନ୍ତି ନାହିଁ । ଆମେ ସମସ୍ତେ ଜାଣୁ ଯେ ଯଦି ମାଛ ଗୁଡ଼ିକୁ ଏକ ପ୍ରଶସ୍ତ ଜଳାଶୟରେ ଛଡ଼ାଯାଏ ତେବେ ସେ ଗୁଡ଼ିକ ଶୀଘ୍ର ଶୀଘ୍ର ବଢ଼ନ୍ତି । (ଏକ ଅସମାନ୍ୟ ବ୍ୟାପାର ଯାହାକି ଜଣେ ଜୀବବିଜ୍ଞାନୀଙ୍କ ମତରେ "କ୍ଷତିପୂରଣକାରୀ ବୃଦ୍ଧି") । ତେଣୁ ସ୍ଥାୟୀ ଜଳାଶୟ ମାଲିକ ମାନେ ଏହି ମାଛ ଗୁଡ଼ିକୁ ଆମଠାରୁ ୯୦ ରୁ ୧୦୦ ଟଙ୍କା କେଜିରେ କିଣିଥାନ୍ତି । ମାଛ ଅମଳ ସମୟରେ ଆମ୍ଭେମାନେ କେଜି ୨୦ ରୁ ୩୦ ଟଙ୍କା କରି ମାଛ ବିକ୍ରି କରିଥାଉ ଏବଂ ବଡ଼ ମାଛକୁ ଆମେ କେଜି ୬୦–୭୦ କରି ପୋଖରୀ ମାଲିକ ମାନଙ୍କୁ ଦୀର୍ଘ ସମୟର ରିହାତି ଦେଇଥାଉ ।

**ସହଜ ଗ୍ରାମ୍ୟ ଋଣର ଉଦ୍ଦୀପକ ପ୍ରଭାବ –**

୨୦୦୦ ମେ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ଆଦେଶ ପତ୍ର ବାହାର କଲା ଯେଉଁଥିରେ କି ନିର୍ଦ୍ଦେଶ ଦିଆଯାଇଥିଲା ଯେ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ସ୍ୱୟଂ ସହାୟକ ଦଳ ମାଧ୍ୟମରେ ସ୍ଥାନୀୟ ଆର୍ଥିକ ଉତ୍ପାଦନ ପରି କାର୍ଯ୍ୟ କରିବ । ଏହା ଶୀଘ୍ର ଲୋନ ଦେବାରେ (୩ ଦିନ ମଧ୍ୟରେ) ଗ୍ରୁପ୍ ମାନଙ୍କୁ ସହାୟତା କରିବ । ଯେଉଁଠାରେ କି ଦଳ ଗୁଡ଼ିକ ଏହି ଲୋନ୍‌କୁ ୩ ବର୍ଷ ମଧ୍ୟରେ ଯେକୌଣସି ସମୟରେ ନିଜର ଦେୟ ଦେଇପାରିବ ଏହି ଲୋନ୍‌ର ସୁଧ ବର୍ଷକୁ ଶତକଡ଼ା ୧୨ ଭାଗ ହୋଇଥାଏ ଯେତେବେଳେ କି ସାହୁକାରମାନେ ମାସକୁ ଶତକଡ଼ା ୫ ରୁ ୧୦ ଭାଗ ପର୍ଯ୍ୟନ୍ତ ସୁଧ ନେଇଥାନ୍ତି । ଏହି ବ୍ୟାଙ୍କ ୫୦୦ ଟଙ୍କାରୁ ଆରମ୍ଭ କରି ହଜାର ହଜାର ଟଙ୍କାର ଲୋନ୍ ଦେଇଥାଏ ।

ବର୍ତ୍ତମାନ୍ ଦଳ ୨–୩ ଜଣ ଲୋକଙ୍କୁ ନିଯୁକ୍ତ କରିଛି ଯେଉଁମାନେ ବ୍ୟାଙ୍କ ଯାଇ ଦଳର ପ୍ରସ୍ତାବ ପତ୍ର (ଯାହାକି ଦଳର ସ୍ଥାୟୀତ୍ୱ) ଏବଂ ସେମାନଙ୍କ ସଞ୍ଚୟ ସେମାନଙ୍କର ଯୋଜନା ଏବଂ କଣ ପାଇଁ ଏହି ଲୋନ୍ ଆବଶ୍ୟକ ତାହା ତଦାରଖ କରନ୍ତି । ଏହି ବ୍ୟାଙ୍କ ଏକ ପୂର୍ଣ୍ଣ ଚୁକ୍ତିପତ୍ର ଏବଂ ଏକ ପ୍ରମାଣପତ୍ର "ପ୍ରତିଶ୍ରୁତି ସଂବଳିତ ବିବରଣୀ" ଆବଶ୍ୟକ କରିଥାନ୍ତି । ସ୍ୱୟଂ ସହାୟକ ଦଳ ମତ୍ସ୍ୟ ବୃଦ୍ଧି କରଣ କରିଥାନ୍ତି । ସ୍ୱୟଂ ସହାୟକ ଦଳ ମତ୍ସ୍ୟ ବୃଦ୍ଧି କରଣ କରିଥାନ୍ତି ଓ ସଫଳତା ଲାଭ କରନ୍ତି ଏବଂ ସେମାନଙ୍କ ଦଳ ମଧ୍ୟରେ ସଞ୍ଚୟ କରିଥାନ୍ତି । ସେଥିପାଇଁ ବ୍ୟାଙ୍କରୁ ଏକ ବଡ଼ ଧରଣର ଲୋନ୍ ଗ୍ରହଣ କରିଥାନ୍ତି । ଏକ ବିରାଟ ପରିବର୍ତ୍ତନରେ ଅଜୀତ୍ ବାନାର୍ଜୀ କହିଲେ "ଲୋନ୍ ଗୁଡ଼ିକ କଣ ଦଳ ଦ୍ୱାରା ସ୍ଥିରୀକୃତ ଅଟେ ଓ ଏହା ଦଳର ସର୍ବସ୍ୱ ସଂପତ୍ତି ପରି ବ୍ୟବହାର କରି ପରିଶୋଧ କରିଥାନ୍ତି । ବର୍ତ୍ତମାନ୍ ଜବାରାହର ୪୦ଟି ସ୍ୱୟଂ ସହାୟକ ଦଳ ଲକ୍ଷ ଲକ୍ଷ ଟଙ୍କା ସଞ୍ଚୟ କରିଛନ୍ତି ଏବଂ ହଜାର ହଜାର ଟଙ୍କା ବ୍ୟାଙ୍କ ଲୋନ୍ ମଧ୍ୟ ଦେଉଛନ୍ତି ।

ପରିବର୍ତ୍ତନ ବିଷୟରେ କଥାବାର୍ତ୍ତା ବେଳେ ଜଣେ ସ୍ତ୍ରୀ ଲୋକ କହିଲେ ବର୍ଷାଋତୁ ହେଉଛି ଆମ ପାଇଁ ଏକ ଅଭିଶାପ ଯେତେବେଳେ ଆମେ କିଛି ପଇସା ବା ଖାଇବାକୁ ପାଇ ନଥାଉ । ଆମେ ମହାଜନ ମାନଙ୍କ ପାଖରେ ଆମ ବାସନ କୁସନ ବନ୍ଧା ରଖି ବେଶୀ ସୁଧରେ ଲୋନ୍ ଆଣିବା ପାଇଁ ବାଧ୍ୟ ହୋଇଥାଉ । ଲଳିତା ମହାନ୍ତ ନାମକ ଜଣେ ବୟସ୍କ ସ୍ତ୍ରୀ ଲୋକ କହିଲେ ଏମିତି ଏକ ସମୟ ଥିଲା ଯେତେବେଳେ କି ଆମେ ଅଜଣା ଲୋକମାନଙ୍କ ବିଷୟରେ ଚିନ୍ତା କରିବା ପାଇଁ କିମ୍ବା ଗ୍ରାମର ଜନସାଧାରଣଙ୍କୁ କହିବା ପାଇଁ ମଧ୍ୟ ଡ଼ରୁଥିଲୁ । କିନ୍ତୁ ଆଜି ଆମେ ବ୍ୟାଙ୍କକୁ ଯାଇ ଲୋନ୍ ବ୍ଷୟରେ ପଚାରୁ ଏବଂ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଆମର ନିବେଦନ ଜଣାଉ ଏବଂ ଦୃଢ଼ତାର ସହ ସେଥିପାଇଁ ପ୍ରତିଦ୍ୱନ୍ଦିତା  ମଧ୍ୟ କରୁ । ଆମ୍ଭମାନେ ଖୁସି ଯେ ଆମ୍ଭମାନଙ୍କୁ ସମ୍ମାନ ମିଳୁଛି ଓ ଆମର କଥା ମଧ୍ୟ ଶୁଣାଯାଉଛି ।

**କେବଳ ସ୍ୱପ୍ନ ...........**

ସ୍ୱୟଂ ନିଯୁକ୍ତି ପ୍ରାପ୍ତ ସ୍ୱୟଂ ସହାୟକ ଦଳ ଇ ଆଇ ଆର୍ ଏଫ୍ ପି ଓ ଜି ଭି ଟି ଗୋଷ୍ଠୀ ମାନଙ୍କ ଦ୍ୱାରା ସାହାଯ୍ୟ ପାଉଛି । ଯାହାକି ଜବାରାହ ଗ୍ରାମର ଉନ୍ନୟନ ପଦ୍ଧତିର ମେରୁଦଣ୍ଡ ରୁପେ କାର୍ଯ୍ୟକରୁଛି । ଏହା କୃଷକ ମାନଙ୍କର ପରିବର୍ତ୍ତନଶୀଳ ଏବଂ ସଠିକ୍ ଖୋଜ୍ ଡ଼ି ଏଫ୍ ଆଇ ଡ଼ି, ଏନ୍ ଆର ଏସ୍ ପିର ସହଯୋଗ ଦ୍ୱାରା ଏବଂ ଉନ୍ନତ ଋଣ ସୁଯୋଗ ଯାହାକି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱରା ପରିଚାଳିତ ମୌଭୂମ ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ଏକତ୍ର ମିଶି କାର୍ଯ୍ୟ କରାଯାଉଛି । ଏହି ସବୁ ଉନ୍ନତି ସ୍ତ୍ରୀ ଏବଂ ପୁରୁଷଙ୍କ ନିମନ୍ତେ ସମ୍ମାନଜନକ ସୁଯୋଗ ଆଣିପାରିଛି ଏବଂ ସେମାନେ ଏହା ଦ୍ୱାରା ଏକ ସ୍ୱର, ଆୟ ବୃଦ୍ଧି, ସଞ୍ଚୟ ଏବଂ ସୁରକ୍ଷା ଏହି ଆନୁଷ୍ଠାନିକ ବ୍ୟାଙ୍କ ସ୍ତରରୁ ପାଇପାରୁଛନ୍ତି । କିନ୍ତୁ କିଛି ବର୍ଷ ପୂର୍ବରୁ ଏଗୁଡ଼ିକ କେବଳ ସ୍ୱପ୍ନମାତ୍ର ଥିଲା ।

ସତ୍ୟେନ୍ଦ୍ର ତ୍ରିପାଠି, ଗ୍ରାହମ ହେଲର ଏବଂ ଉଇଲିୟମ ସେଭେଜ୍ ଷ୍ଟ୍ରୀମ୍ ସହିତ ଅଛନ୍ତି ଏବଂ ସେମାନଙ୍କ ସହ ଯୋଗାଯୋଗ କରନ୍ତୁ <ghaylor@loxinpo.co.th> ଜଗଦିଶ ଗଙ୍ଗୱାର । ବିରେନ୍ଦ୍ର ସିଂ, ଗୌତ୍ତମ ଦତ୍ତା ଏବଂ ପ୍ରଭାତ ପାଠକ ଏମାନେ ଜିଭିଟି ସହିତ ରହିଛନ୍ତି । ସେମାନଙ୍କ ସହିତ ଯୋଗାଯୋଗ କରି ପାରିବେ <rch_gvteirpp@sancharnet.in>.

# ଫୁଲୱାର ଟୋଲିର ଶିକ୍ଷା ପ୍ରାପ୍ତି ପାଇଁ ଜବାରାହକୁ ଏକ ବାହ୍ୟିକ ଯାତ୍ରା

ଭୀମ ନାୟକ ଏବଂ ରୁବୁ ମୁଖାର୍ଜୀ

**ଫୁଲୱାର ଟୋଲିରୁ ଜବାରାହକୁ ଯାତ୍ରା ଏବଂ ପ୍ରତ୍ୟାଗମନ –**

ଭୀମ ନାୟକ ଫୁଲୱାର୍ ଟୋଲିରେ ବାସକରନ୍ତି । ଏହା ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚି ଜିଲ୍ଲାର ବୁନ୍ଦୁ ବ୍ଲକ୍‌ର ଏକ ଗ୍ରାମ । ଏହି ଗ୍ରାମରେ ୯୦୦ ପାଖା ପାଖି ଲୋକ ବାସକରନ୍ତି । ଏହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଭୂମିହୀନ ଓ ଉପାର୍ଜନ ନିମନ୍ତେ ଯାଯାବର ଭାବେ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇଥାନ୍ତି । ଫୁଲ୍‌ୱାର୍ ଟୋଲିର ସାକ୍ଷରତା ସ୍ତର ଶତକଡ଼ା ୨୦ ଭାଗରୁ ମଧ୍ୟ କମ୍ ।

୨୦୦୩ ସେପ୍‌ଟେମ୍ବର ମସିହାରେ ଭିମ୍ ନାୟକ ପଶ୍ଚିମବଙ୍ଗର ଜବାରାହର ଏକ ଗ୍ରାମରେ ନାକା–ଷ୍ଟ୍ରିମ୍ (ଏନ୍‌ଏସିଏ – ଏସ୍ ଟି ଆର୍ ଇଏଏମ) ପକ୍ଷରୁ ହୋଇଥିବା ଏକ ସଭାରେ ଯୋଗ ଦେଇଥିଲେ ସେହି ସମୟର ଗସ୍ତ କାଳରେ ଭିମ୍ ଏ ବିଷୟରେ ଜାଗୃତି ହେଲେ ଯେ କିପରି ଗ୍ରାମର ଲୋକମାନେ ସ୍ୱୟଂ ସହାୟକ ଦଳକୁ ପରିଚ଼ାଳନା କରୁଛନ୍ତି ଯାହାଦ୍ୱାରା କି ବର୍ତ୍ତମାନ୍ ସେମାନେ ବିଭିନ୍ନ କାର୍ଯ୍ୟ କରିବା ପାଇଁ ବ୍ୟାଙ୍କ୍‌ର ସାହାଯ୍ୟ ପାଉଛନ୍ତି ।



**ବାହ୍ୟିକ ଯାତ୍ରା ସମୟରେ ଜବାରାହର ଏକ ଗ୍ରାମରେ ଡ଼ିଭିଟିର ସଭାଗୃହ । ଭୀମ ନାୟକ ଫୁଲ୍‌ୱାର୍ ଟୋଲିର ମହିଳାମାନଙ୍କର ସ୍ୱୟଂ ସହାୟକ ଦଳକୁ ଜବାରାହ ଦଳର ର ଅନୁଭୂତିକୁ ବର୍ଣ୍ଣନା କରୁଛନ୍ତି ।**

ସେହି ଭ୍ରମଣ କାଳରେ ଭୀମ ନିର୍ଣ୍ଣୟ କଲେ ଯେ ସେ ତାଙ୍କର ଗ୍ରାମ ଫୁଲ୍‌ୱାର ଟୋଲିରେ ମଧ୍ୟ ସ୍ୱୟଂ ସହାୟକ ଦଳକୁ ଉତ୍ସାହିତ କରିବେ । ସେ ତାଙ୍କ ଗ୍ରାମର ସମସ୍ତ ଗ୍ରାମବାସୀଙ୍କୁ ଏକତ୍ର କରି ସ୍ୱୟଂ ସହାୟକ ଦଳର ଉପଯୋଗୀତା ବିଷୟରେ ବର୍ଣ୍ଣନା କଲେ । ସେମାନେ ତାଙ୍କ କଥାରେ ଏକମତ ହେଲେ ଏବଂ ଚ଼ାରିଟି ଦଳ ଗଢ଼ି ସେଗୁଡ଼ିକୁ ଏକ ନିର୍ଦ୍ଧିଷ୍ଟ ଉଦ୍ଦେଶ୍ୟ ନିମନ୍ତେ କାର୍ଯ୍ୟକାରୀ କରାଇଲେ ।

## ଦଳ, ନୀତି ଏବଂ କାର୍ଯ୍ୟଗୁଡ଼ିକ

*ପ୍ରଥମ ଦଳ*

ଦି ଆମ୍ବେଦକର କ୍ୟାରିୟର୍ ଲାଇବ୍ରେରୀ ଗ୍ରୁପ୍ ଶିକ୍ଷା ଏବଂ ଜ୍ଞାନ ଉନ୍ନତି ନିମନ୍ତେ ତିଆରି କରାଯାଇଥିଲା । ଏହି ଦଳର କାର୍ଯ୍ୟ ହେଉଛି ପରୀକ୍ଷା ହେଉଥିବା ସ୍ଥାନ ମାନଙ୍କଠାରୁ ବହି ସଂଗ୍ରହ ଏବଂ କିଣିବା ଯେଉଁ ପରୀକ୍ଷା କି ରାଜ୍ୟ ସରକାରଙ୍କର ଶିକ୍ଷା ବିଭାଗ ଦ୍ୱାରା ହୋଇଥାଏ । ଏହି ଦଳ ଶିଶୁ, ଏବଂ ବୟସ୍କ ବୟସ୍କ ଲୋକମାନଙ୍କୁ ଶିକ୍ଷିତ କରାଇଥାଏ । କେବଳ ଶିକ୍ଷିତ ଲୋକମାନେ ଏହି ଦଳରେ ଯୋଗ ଦେଇ ଶିକ୍ଷା କାର୍ଯ୍ୟରେ ଯୋଗଦାନ କରି ଶିକ୍ଷା ଦେଉଥିଲେ । ଏହି ମିଳିତ ଦଳରେ ୨୫ ଜଣ ସଦସ୍ୟ ଥିଲେ । ଏମାନଙ୍କ ମଧ୍ୟରେ ୬ଜଣ ମହିଳା ଥିଲେ । ପ୍ରତ୍ୟେକ ସଭ୍ୟ ସପ୍ତାହକୁ ୫ଟଙ୍କା ଦଳର ଜମା ପୁଞ୍ଜିରେ ରଖୁଥିଲେ ଯାହାକି ବହି କିଣିବାରେ

ସାହାଯ୍ୟ କରୁଥିଲା । ଏହା ହେଉଛି ଏକ ସାମାଜିକ କାର୍ଯ୍ୟକାରୀ ଦଳ ଏବଂ ସେମାନେ ଲୋକମାନଙ୍କୁ କୃଷି ଓ ମତ୍ସ୍ୟ ଚାଷ କାର୍ଯ୍ୟ ଗୁଡ଼ିକ ନିମନ୍ତେ ମଧ୍ୟ ପଥ ପ୍ରଦର୍ଶନ କରୁଥିଲେ ।

*ଦ୍ୱିତୀୟ ଦଳ*

ଏହା ସ୍ତ୍ରୀ ଲୋକମାନଙ୍କର ଏକ ଦଳ ଯାହାର କି ଏ ପର୍ଯ୍ୟନ୍ତ କିଛି ନାମ ନାହିଁ । ଏମାନଙ୍କ ମଧ୍ୟରୁ ୧୨ ଜଣ ସଭ୍ୟା ମାଛ ଧରାଳିବା କେଉଟମାନଙ୍କୁ ବିବାହ କରିଛନ୍ତି ଏବଂ ସେମାନେ ଏହି ମାଛ ଧରା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହି ଦଳର ସଭ୍ୟମାନେ ଦଳର ଜମା ପୁଞ୍ଜିରେ ୧୦ଟଙ୍କା ଲେଖାଏଁ ଦାନ ଦିଅନ୍ତି । ସେମାନେ ଜରୁରୀକାଳିନ ପରିସ୍ଥିତିରେ ସାହୁକାର ମାନଙ୍କଠାରୁ ଅଧିକ ସୁଧରେ ଋଣ ନ ନେବା ପାଇଁ ସେମାନେ ଏହି ଦଳର ଜମା ପୁଞ୍ଜିକୁ ବ୍ୟାଙ୍କରେ ଜମାକରିଥାନ୍ତି । ଏହି ଦଳର କେତେ ଜଣ ଦକ୍ଷ ସଭ୍ୟା ହେଲେ ଶ୍ରୀମତି ଲକ୍ଷ୍ମୀଦେବୀ, ଶ୍ରୀମତି ଶ୍ରୀମତୀଦେବୀ, ଶ୍ରୀମତି ଲାଖି କୁମାରୀ ଏବଂ ଡ଼ଲି କୁମାରୀ ।

*ତୃତୀୟ ଦଳ*

ଏହି ଦଳର ନାମ ହେଲା ଦେବୀ ମନସାଦଳ ଯେଉଁଥିରେ ୧୧ ଜଣ ସଭ୍ୟ କୃଷି କାର୍ଯ୍ୟ ସହ ସଂପୃକ୍ତ । ସେମାନେ ପ୍ରତ୍ୟେକ ସପ୍ତାହ ଦଳର ଜମା ପୁଞ୍ଜିରେ ୫ ଟଙ୍କା ଜମାକରିଥାନ୍ତି । ସେମାନେ ଶୁଖିଲା ଧାନ କିଣି ତାକୁ ଚାଉଳ ତିଆରି କରି ସେହି ଉତ୍ପାଦନକୁ ବଜାରରେ ବିକ୍ରୀ କରିଥାନ୍ତି । ସେମାନେ ମଧ୍ୟ ବେପାରୀମାନଙ୍କ ଠାରୁ ସବୁଜ ପନିପରିବା କିଣି ସେଗୁଡ଼ିକୁ ଆଣି ଗାଁ ହାଟରେ ବିକ୍ରୀ କରିଥାନ୍ତି ।

*ଚତୁର୍ଥ ଦଳ*

ମତ୍ସ୍ୟ ଚାଷୀ ସ୍ୱୟଂ ସହାୟକ ଦଳ ୨୮ଜଣ ସଭ୍ୟଙ୍କ ସହ ମୁଖ୍ୟତଃ ଜଳକୃଷି ସହ ସଂପୃକ୍ତ ଅଟନ୍ତି । ସେମାନେ ସରକାରୀ ଏବଂ ଘରୋଇ ଜଳ ବ୍ୟବସ୍ଥାରେ ରକ୍ଷଣାବେକ୍ଷଣ ଓ ପରିଚାଳନା କରିଥାନ୍ତି । ସେମାନେ ପ୍ରତ୍ୟେକ ସପ୍ତାହ ୫ଟଙ୍କା ଜମା କରିଥାନ୍ତି । ସେମାନେ ସାପ୍ତାହିକ ଏକ ସଭାର ଆୟୋଜନ କରିଥାନ୍ତି ଏବଂ ସେହି ସଭାରେ ନୂତନ ଜଳ କୃଷି ପଦ୍ଧତି ଏବଂ ଜଳସଂରକ୍ଷଣ ବ୍ୟବସ୍ଥା ବିଷୟବସ୍ତୁ ଉପରେ ଏବଂ ଆୟ ହିସାବ ଓ କିପରି ନିଶା ନିବାରଣ କରିପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥାନ୍ତି । ଏହି ଦଳର କିଛି ଉଦ୍‌ଯୋଗୀ ସଦସ୍ୟ ହେଲେ – ଶ୍ରୀ ରେଶବ କୁମାର, ଗୌତମ ମାଛୁଆ, ଶ୍ରୀ ନଗେନ୍ଦ୍ର ମାଛୁଆ, ଶ୍ରୀ କୃପା, ଶ୍ରୀ କୃଷ୍ଣା, ଶ୍ରୀ କାର୍ତ୍ତିକ, ଶ୍ରୀ ଡ଼ି. ଚରଣ, ଶ୍ରୀ ଲକ୍ଷ୍ମଣ, ଶ୍ରୀ ରାହୁଲ୍ ଏବଂ ଶ୍ରୀ ମନ୍‌ଜିତ୍ ।

**ସ୍ୱୟଂ ସହାୟକ ଦଳ ଠାରୁ ଲାଭ**

ସ୍ୱୟଂ ସହାୟକ ଦଳ ଗଠନ ହେବା ପରେ, ପୁଲ୍‌ୱାର ଟୋଲିର ଗ୍ରାମବାସୀମାନେ ଏହି ସବୁ ଲାଭ ପାଇଛନ୍ତି ।

ଦଳର ଲୋକମାନେ ବର୍ତ୍ତମାନ କ୍ଷୁଦ୍ର ସଞ୍ଚୟର ଗୁରୁତ୍ୱ ଜାଣିପାରିଛନ୍ତି ।

ଗ୍ରାମରଏକ ବୃହତ୍ ଉନ୍ନତି ନିମନ୍ତେ ଲୋକମାନଙ୍କ ମଧ୍ୟରେ ଏକ ଗଭୀର ବିଶ୍ୱାସ ଜାତ ହୋଇଛି ।

ଗ୍ରାମବାସୀମାନେ କିପରି ସେମାନଙ୍କର ଜୀବନଶୈଳିକୁ ଉନ୍ନତି କରିପାରିବେ ସେ ବିଷୟରେ ମଧ୍ୟ ଭଲ ଭାବେ ଜାଣିପାରିଛନ୍ତି ।

ସେମାନେ ସ୍ଥିର କରିଛନ୍ତି ଯେ ଗ୍ରାମରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିବେ ଯାହାକି ଦଳ ସାହାଯ୍ୟରେ ସମ୍ଭବ ହୋଇପାରିବ ।

ବର୍ତ୍ତମାନ୍ ପ୍ରତ୍ୟେକ ଗ୍ରାମବାସୀ କିଛି କିଛି କାର୍ଯ୍ୟରେ ନିଜକୁ ନିୟୋଯୋଗ କରିଛନ୍ତି ।



**ଫୁଲ୍‌ୱାର୍ ଟୋଲି ଗାୟକ ଦଳ ଏକ ଗ୍ରାମ ଦଳରେ – ବିବାହ ସମୟରେ ବାଦ୍ୟ ବଜାଉଛନ୍ତି ଏବଂ ଅନ୍ୟାନ୍ୟ ଉତ୍ସବ ପାଳନ କରୁଛନ୍ତି ସେମାନଙ୍କର ଆୟ ବୃଦ୍ଧି ସଂଗଠିତ ନିମନ୍ତେ**

ବର୍ତ୍ତମାନ୍ ଗ୍ରାମ ଗୁଡ଼ିକ ବିଭିନ୍ନ ଏନ୍ ଜି ଓର ସାହାଯ୍ୟ ପାଉଛନ୍ତି ଏବଂ ୬ ମାସ ପରେ ସଞ୍ଚୟ କରିବା ସହ ଦଳ ବ୍ୟାଙ୍କ୍ ସ୍ତରରୁ କ୍ଷୁଦ୍ର ଋଣ ପାଇବା ପାଇଁ ସକ୍ଷମ ହୋଇପାରିବ ।

ଭୀମ ନାୟକ ଫୁଲ୍‌ୱାର ଟୋଲି ଗାଁର ଜଣେ ନେତା, ବୁନ୍ଦୁ ବ୍ଲକ୍, ରାଞ୍ଚି ଜିଲ୍ଲା, ଝାଡ଼ଖଣ୍ଡ ରାଜ୍ୟ । ରୁବୁ ମୁଖାର୍ଜୀ ହେଉଛନ୍ତି ଷ୍ଟ୍ରୀମ୍ ଇଣ୍ଡିଆ କମ୍ୟୁନିକେସନସ୍ ହବ୍ ମ୍ୟାନେଜର୍ । ଷ୍ଟ୍ରୀମ୍ କଣ୍ଟ୍ରି ଅଫିସ୍ ଯାହାକି ରାଞ୍ଚିରେ ଅବସ୍ଥିତ । ଏମାନଙ୍କୁ ଏହି ଆଡ୍ରେସ୍‌ରେ ସଂପର୍କ କରନ୍ତୁ । <streamindia@sancharnet.in>.

## ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥାଦ୍ୱାରା ଜୀବିକା ନିର୍ବାହରେ ସାହାଯ୍ୟର ଏକ ସଫଳ କାହାଣୀ
## ମୟୂରଭଞ୍ଜ, ଓଡ଼ିଶା

ଜି. ବି. ପରିଡ଼ା

### ଏଫ୍.ଏଫ୍.ଡ଼ି.ଏ ଏବଂ ଜଣେ କୃଷକର କାହାଣୀ

ମତ୍ସ୍ୟ ଚାଷୀ ଉନ୍ନୟନ ସଂସ୍ଥା The Fish Farmer Development Agency (ଏଫ୍ ଏଫ୍ ଡ଼ି ଏ) ମୟୂରଭଞ୍ଜ ଓଡ଼ିଶାରେ ୧୯୭୮ ଗଠନ କରାଯାଇଥିଲା । ଏଥିରେ ମୁଖ୍ୟ ବିଷୟ ଥିଲା ଯେ କିପରି କ୍ଷୁଦ୍ର ଏବଂ ବୃହତ୍ ଧରଣର ମତ୍ସ୍ୟ ଉତ୍ପାଦନ ଜିଲ୍ଲା ସ୍ତରରେ ଏକ କ୍ଷତିପୂରଣକାରୀ ଉନ୍ନତି ଦ୍ୱାରା ହୋଇପାରିବ । ଏହା ଏକ ସଫଳ ଜଳକୃଷି ସଂସ୍ଥା ଜଣେ ମତ୍ସ୍ୟଚାଷୀଙ୍କଠାରୁ ଗଠନ କରାଯାଇଥିଲା ।

ମୟୂରଭଞ୍ଜ ଜିଲ୍ଲାର ବଡ଼ସାହୀ ବ୍ଲକ୍‌ର ନୁଆଗାଁ ଗ୍ରାମର ଶ୍ରୀ ପୁଲିନ୍ ବେହେରା ୧୯୮୦ ମସିହାରେ ଏଫ୍ ଏଫ୍ ଡ଼ି.ଏର ସୃଷ୍ଟି ସମୟରେ ମତ୍ସ୍ୟ ଚାଷ ଆରମ୍ଭ କରିଥିଲେ । ସେ ବ୍ୟାଙ୍କରୁ ୬୦୦୦ଟଙ୍କା ଋଣ ନେଇ ୦.୬୦ ଏକର ଜମିରେ ଏକ ଜଳାଶୟ ନିର୍ମାଣ କଲେ ଯାହାକି ତାଙ୍କ ଏ କାମରେ ସାହାଯ୍ୟ କଲା । ମତ୍ସ୍ୟ ଉତ୍ପାଦନରେ ଅର୍ଥଲାଭର ସଫଳତା ନିମନ୍ତେ ଶ୍ରୀ ବେହେରା ତାଙ୍କର ଏହି ମତ୍ସ୍ୟ ଚାଷ କାର୍ଯ୍ୟକୁ ବିସ୍ତାରିତ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏଫ୍ ଏଫ୍ ଡ଼ି ଏ ମଧ୍ୟ ପୁନର୍ବାର ତାଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସିଥିଲେ ।

### ଜଳାଶୟ, ଋଣ ଏବଂ ରିହାତିମୂଲ୍ୟ

୧୯୮୫ ମସିହାରେ ସେ ପୁନର୍ବାର ବ୍ୟାଙ୍କରୁ ୨୫,୦୦୦ଟଙ୍କା ଋଣ ଆଣି ୧.୩୫ ଏକର ଜମି କିଣି ମାଛ ଚାଷ ପାଇଁ ଜଳାଶୟ ନିର୍ମାଣ କଲେ । ଯାହାପାଇଁ ସରକାର ତାଙ୍କୁ ୧,୩୫୦ଟଙ୍କାର ରିହାତି ଦେଇଥିଲା । ମୟୂରଭଞ୍ଜ ଏଫ୍ ଏଫ୍ ଡ଼ି ଏ ଠାରୁ ପ୍ରେରଣା ପାଇ ଏହି ମତ୍ସ୍ୟ ଚାଷ କାର୍ଯ୍ୟରେ ଉତ୍ସାହିତ ହୋଇ ଶ୍ରୀ ବେହେରା ପୁନର୍ବାର ବ୍ୟାଙ୍କରୁ ୫୦,୦୦୦ ଟଙ୍କା ଋଣ ନେଇ ୧୯୯୨–୯୩ରେ ୧.୨୫ ଏକର ଜମିରେ ଆଉ ଏକ ଜଳାଶୟ ତିଆରି କଲେ । ଏବଂ ଏଥିରେ ସେ ଏଫ୍ ଏଫ୍ ଡ଼ି ଏ ଠାରୁ ୧୦,୦୦୦ଟଙ୍କା ରିହାତି ପାଇଲେ ପୁଣି ଶ୍ରୀ ବେହେରା ୨୦୦୧–୦୨ରେ ତାଙ୍କର ଚାଷକୁ ପ୍ରସ୍ତାରିତ କରିବା ପାଇଁ ବ୍ୟାଙ୍କରୁ ୩୪୫୦୦୦ଟଙ୍କାର ଋଣ ନେଇ ୩.୫୦ ଏକର ଜଳାଶୟ ପ୍ରସ୍ତୁତ କଲେ । ଏହି ଅର୍ଥ ସରକାର ମୟୂରଭଞ୍ଜ ଏଫ୍ ଏଫ୍ ଡ଼ି ଏ ଦ୍ୱାରା ତାଙ୍କୁ ୭୯,୦୦୦ ଟଙ୍କାର ରିହାତି ଦରରେ ଦେଇଥିଲେ । ସେହିପରି ସେ ମଧ୍ୟ ୮୦,୦୦୦ ଟଙ୍କାର ଋଣ ନେଇ ୦.୮୦ ଏକର ଜମିରେ ଏକ ପୋଖରୀ ନିର୍ମାଣ କଲେ ଓ ଏହି ଅର୍ଥ ସେ ଏଫ୍ ଏଫ୍ ଡ଼ି ଏ ଠାରୁ ୧୮,୪୦୦ ଟଙ୍କା ରିହାତି ଦରରେ ପାଇଥିଲେ ।

### ମତ୍ସ୍ୟ, ବିହନ, କୁକୁଡ଼ା ଏବଂ ପରିବା

ମୟୂରଭଞ୍ଜରେ ଏଫ୍ ଏଫ୍ ଡ଼ି ଏର ସ୍ଥାପନ ହେବା ପୂର୍ବରୁ ଶ୍ରୀ ବେହେରା କେବଳ କୃଷି କାର୍ଯ୍ୟ କରୁଥିଲେ । କିନ୍ତୁ ତାଙ୍କର ନିଜ ଇଚ୍ଛା ଏବଂ ଏଫ୍ ଏଫ୍ ଡ଼ି ଏର ସହଯୋଗରେ ଆଜି ସେ ଏହି ଜିଲ୍ଲାର ୪.୩୦ ହେକ୍ଟର ଚାଷ ଜମିର ଜଣେ ସଫଳ ମତ୍ସ୍ୟ ଚାଷୀ ହୋଇପାରିଛନ୍ତି । ସେ କେବଳ ମାଛ ଚାଷ କରନ୍ତି ନାହିଁ ସେ ମଧ୍ୟ ବିହନ ଉତ୍ପାଦନ କାର୍ଯ୍ୟ କରନ୍ତି ।

୨୦୦୩–୦୪ ମସିହାରେ ସେ ୨,୦୦୦,୦୦୦ ମାଛ ବିହନ ଜିଲ୍ଲାର ଅନ୍ୟ ମାଛ ଚାଷୀମାନଙ୍କୁ ଉତ୍ପାଦନ କରି ବିକ୍ରୀ କରୁଥିଲେ ଏବଂ ୪୦,୦୦୦ଟଙ୍କା ପାଇଥିଲେ । ଶ୍ରୀ ବେହେରା କହନ୍ତି ଯେ, ତାଙ୍କର ବାର୍ଷିକ ଉତ୍ପାଦନର ଲାଭ ହେଉଛି ୨୫୦,୦୦୦ଟଙ୍କା ଏହା ସେ ମାଛ ବିହନ ଓ ବଡ଼ ମାଛ ବିକ୍ରୀ କରି ପାଉଥିଲେ । ଶ୍ରୀ ବେହେରା କେବଳ ଜଣେ ସଫଳ ମାଛ ଚାଷୀ ନୁହଁନ୍ତି ବରଂ ସେ ତାଙ୍କର କୃଷି କାର୍ଯ୍ୟକୁ ମଧ୍ୟ ଆଗେଇ ପାରିଛନ୍ତି । ସେ ତାଙ୍କର ମାଛ ଚାଷ ସହିତ କୁକୁଡ଼ା ଚାଷ ୧୦୦ଟି କୁକୁଡ଼ା ରଖି ଆରମ୍ଭ କରିଛନ୍ତି । ସେ ମଧ୍ୟ ଜଳାଶୟ ଚାରିପାଖରେ ପରିବା କଦଳୀ, ମରିଚ ଏବଂ ବିଲାତି ବାଇଗଣ ମଧ୍ୟ ରୋପଣ କରିଛନ୍ତି ।

### ଜଳାଶୟ ଏବଂ କୂପ ଜଳ

ଶ୍ରୀ ବେହେରା ଜଳ ସେଚିତ ଶସ୍ୟ ଉଦ୍ୟାନ ଏବଂ ସମୟ ଉପଯୋଗୀ ଧାରାବାହିକ ଜଳ ପାଇବା ପାଇଁ ଜଳାଶୟର ବ୍ୟବହାର କରିଥାନ୍ତି । ସେ ଏକ ସୁବିଧା ପାଇଛନ୍ତି ଯେ ତାଙ୍କର ଏକ ନଳକୂପ ଅଛି, ଯାହାକି ଠିକ୍ ସମୟରେ ଡ଼ିଜେଲ୍ କିମ୍ବା ଇଲେକ୍ଟ୍ରି ଶକ୍ତି ବିନା ୨୪ଘଣ୍ଟା ଜଳ ଯୋଗାଇ ପାରୁଛି । ଏହା ପ୍ରକୃତିର ଏକ ଦାନ ଯାହାକି ଶ୍ରୀ ବେହେରାଙ୍କୁ ଏହି କାର୍ଯ୍ୟ କରିବା ପାଇଁ ସାହାଯ୍ୟ କରୁଛି । ସେ ମଧ୍ୟ ନିଜେ ଏକ ନଳକୂପ ବସାଇଛନ୍ତି ଏବଂ ସେଥିରେ ଏକ ୫ ହର୍ଷପାୱାରର ମୋଟର୍ ବସାଇଛନ୍ତି ଯାହାକି ଜଳାଭାବକୁ ଦୂର କରୁଛି ।

### ଆସନ୍ତା ବର୍ଷରେ ଜଣେ ଚାଷୀ ଏବଂ ଏଫ୍ ଏଫ୍ ଡ଼ି ଏକୁ ଆସୁଛି

ଏହି ବର୍ଷରେ ଶ୍ରୀ ବେହେରା ମିଠା ଜଳର ବଡ଼ ଚିଙ୍ଗୁଡ଼ି (ମାକ୍ରୋବ୍ରାଚିୟମ୍ ରୋଜେନ୍‌ବର୍ଗୀ) ର ୩୫,୦୦୦ ହଜାର ବିହନ ସହ ଅନ୍ୟ ମାଛ ବିହନ ଜଳାଶୟରେ ଗଛିତ କରିଛନ୍ତି ଅନେକ ଚାଷ ଏକାଠି କରିବା ପାଇଁ ଯାହା ଦ୍ୱାରା ଅନ୍ୟାନ୍ୟ ଆୟକୁ ବୃଦ୍ଧି କରିପାରିବେ । ସେ ଚାହାନ୍ତି ଯେ ତାଙ୍କର ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏବଂ ଆଗାମୀ ବର୍ଷ ନିଜର ଏକ ମାଛ ବିହନ ଉତ୍ପାଦନ କେନ୍ଦ୍ର କରିବାକୁ ଚାହାନ୍ତି । ଏବଂ ଏହି ବର୍ଷ ଠାରୁ ଏଫ୍ ଏଫ୍ ଡ଼ି ଏ ମୟୂରଭଞ୍ଜର ସ୍ୱୟଂ ସହାୟକ ସଂସ୍ଥା ସହ ଏହି କାର୍ଯ୍ୟ ଆରମ୍ଭ କରିବ ।

### ଶିକ୍ଷା ପ୍ରାପ୍ତି ପାଇଁ ଏକ ଅଧ୍ୟାୟ

ଏହା ଲେଖାଯିବା ଆବଶ୍ୟକ ଯେ ମାର୍ଚ୍ଚ ୨୦୦୩ରେ ଝାଡ଼ଖଣ୍ଡ ରାଜ୍ୟର ମତ୍ସ୍ୟ ଚାଷୀମାନେ ଶ୍ରୀ ବେହେରାଙ୍କ କ୍ଷେତ ବୁଲିବାକୁ ଯାଇଥିଲେ । ସେଠାରେ ସେମାନେ ତାଙ୍କର ସଫଳତାରେ କେଉଁ ବିଭାଗ ଗୁଡ଼ିକ ଶକ୍ତିଶାଳୀ କରୁଛି ତାହା ନୀରିକ୍ଷଣ କଲେ ।

* ତାଙ୍କର ମାଛ ଚାଷ କାର୍ଯ୍ୟ ନିମନ୍ତେ ଥିବା ଗଭୀର ଉତ୍ସାହ ।
* ପ୍ରଶଂସନୀୟ ଗୁଣ ।
* ଉପଯୁକ୍ତ ସମୟରେ ବ୍ୟାଙ୍କର ଋଣ ପରିଶୋଧ ଏବଂ ବ୍ୟାଙ୍କ୍ ଠାରୁ ପୁନର୍ବାର ଋଣ ସାହାଯ୍ୟ ପାଇଁ ଉପଯୁକ୍ତ କାର୍ଯ୍ୟ ।
* ଋଣ ଏବଂ ରିହାତି ଦରର ଉପଯୁକ୍ତ ବ୍ୟବହାର ଏବଂ
* ଏଫ୍ ଏଫ୍ ଡ଼ି ଏ ସହ ସମୟକୁ ସମୟ ସହଯୋଗ ସ୍ଥାପନ ।

ଏହି ବର୍ଷ ମୟୂରଭଞ୍ଜ ଏଫ୍ ଏଫ୍ ଡ଼ି ଏର ୧୫ ଜଣିଆ ସଦସ୍ୟ ଶ୍ରୀ ବେହେରାଙ୍କ କ୍ଷେତକୁ ଯିବା ପାଇଁ ସ୍ଥିର କଲେ । କୃଷକମାନେ ଶ୍ରୀ ବେହେରାଙ୍କର ଥିବା ଜଳ ଖର୍ଚ୍ଚ ପଦ୍ଧତିର କାର୍ଯ୍ୟ ଏବଂ ଚିଙ୍ଗୁଡ଼ି ଓ ମାଛ ଚାଷ ଜଳାଶୟ ଗୁଡ଼ିକ ଦେଖି ଉତ୍ସାହିତ ହୋଇପଡ଼ିଥିଲେ ।



**ଜି.ବି. ପରିଡ଼ା (ବାମରୁ ଦ୍ୱିତୀୟ) ଏବଂ ମତ୍ସ୍ୟ ବିଭାଗର ସହକର୍ମୀମାନେ ଓଡ଼ିଶାର ଭୁବନେଶ୍ୱରରେ ନଭେମ୍ବର ୨୦୦୩ରେ ଅନୁଷ୍ଠିତ ଷ୍ଟ୍ରୀମ୍‌ର ରାଜ୍ୟସ୍ତରୀୟ ସଂଯୋଗ କାର୍ଯ୍ୟଶାଳା ବିଷୟରେ ଆଲୋଚନା କରୁଛନ୍ତି**

(ଷ୍ଟ୍ରୀମ୍ ଇଣ୍ଡିଆ କମ୍ୟୁନିକେସନ୍ ହବ୍ ମ୍ୟାନେଜରଙ୍କ ଠାରୁ ଏକ ସଂକ୍ଷିପ୍ତ ବିବରଣୀ :– ଏଫ୍ ଏଫ୍ ଡ଼ି ଏ ମୟୂରଭ୍ଜ ଷ୍ଟ୍ରୀମ୍ ଇଣ୍ଡିଆ ସହ ସେମାନଙ୍କ ଅନୁଭୂତିକୁ ନେଇ ଘନିଷ୍ଠ ଭାବେ କାର୍ଯ୍ୟ କରୁଛି । ଓଡ଼ିଶା ସରକାରଙ୍କ ବିଭିନ୍ନ ନିୟମ ପଦ୍ଧତି ମାଛ ଚାଷି ମାନଙ୍କର ସି ଇ ଓ ଏବଂ ଏଫ୍ ଏଫ୍ ଡ଼ି ଏ ଏବଂ ଷ୍ଟ୍ରୀମ୍ ଇଣ୍ଡିଆ କମ୍ୟୁନିକେସନ୍ ହବ୍ ମ୍ୟାନେଜର୍‌ଙ୍କ ସହ ବାରମ୍ବାର ଦୂରସଞ୍ଚାର କଥାବାର୍ତ୍ତା ମାଧ୍ୟମରେ କରାଯାଇଥାଏ । ଏଫ୍ ଏଫ୍ ଡ଼ି ଏ ମୟୂରଭଞ୍ଜର ସଭ୍ୟ ମାନେ ମଧ୍ୟ ନଭେମ୍ବର ୨୦୦୩ରେ ଓଡ଼ିଶାର ଭୁବନେଶ୍ୱର କାର୍ଯ୍ୟାଳୟରେ ଥିବା ରାଜ୍ୟସ୍ତରୀୟ ଯୋଗାଯୋଗର ଅନୁଭୂତିକୁ ଉପସ୍ଥାପନ କରିଥାନ୍ତି । ଏହି ଉପାୟରେ ଏଫ୍ ଏଫ୍ ଡ଼ି ଏ ମୟୂରଭଞ୍ଜ ଓ ଷ୍ଟ୍ରୀମ୍ ଇଣ୍ଡିଆ କମ୍ୟୁନିକେସନ୍ ସହ ଏକ ସଂଯୋଗ ସ୍ଥାପନକାରୀ ସଂସ୍ଥା ଗଡ଼ିଉଠିଥିଲା ।

ଜି.ବି. ପରିଡ଼ା ଜଣେ ଜିଲ୍ଲା ସ୍ତରୀୟ ମତ୍ସ୍ୟ ସଂସ୍ଥା ଅଧିକ୍ଷକ ଏବଂ ଜଣେ ସି ଇ ଓ ସେ ମୟୂରଭଞ୍ଜର ମତ୍ସ୍ୟ ଚାଷୀ ଉନ୍ନୟନ ସଂସ୍ଥା ସହ ମିଶି କାମ କରନ୍ତି । ଷ୍ଟ୍ରୀମ୍ ଇଣ୍ଡିଆ କମ୍ୟୁନିକେସନ୍ ହବ୍ ମ୍ୟାନେଜର ରୁବୁ ମୁଖାର୍ଜୀଙ୍କ ମାଧ୍ୟମରେ ତାଙ୍କୁ ଯୋଗାଯୋଗ କରିହେବ, at <streamindia@sancharnet.in>.ରୁବୁ ମୁଖାର୍ଜୀ ଷ୍ଟ୍ରୀମ୍ ଇଣ୍ଡିଆ କଣ୍ଟ୍ରି ଅଫିସ୍ ଝାଡ଼ଖଣ୍ଡ ରାଞ୍ଚିରେ ଅଛନ୍ତି । ଏହା ଓଡ଼ିଶାର ଏକ ପଡ଼ୋଶୀ ରାଜ୍ୟ ଅଟେ ।

# ସମ୍ବଳ ଆଧାରିତ ଜୀବିକା ଦ୍ୱାରା କ୍ଷୁଧା ଦୂରିକରଣ ପାଇଁ ଗ୍ରାମୀଣ ସ୍ତରରେ ମୂଲ୍ୟ ନିର୍ଧାରଣର ବୁଝାମଣା

ବିନୟ ସହାୟ

**ଭାରତର ଦାରିଦ୍ରତା –**

ଭାରତ ଏକ ବିଶାଳ ରାଷ୍ଟ୍ର ଯେଉଁ ଠାରେ ଦାରିଦ୍ରତା ବହୁତ ପରିମାଣରେ ଦେଖାଯାଏ । ୧୯୭୦ ମସିହାର ମଧ୍ୟଭାଗରେ ଏହା ଦାରିଦ୍ର ସୀମାରେକା ୫୫ ପ୍ରତିଶତ ତଳେ ଥିଲା ଏବଂ ୧୯୭୫ ରୁ ୮୭ ଠାରୁ ଏହା ୩୮ ପ୍ରତିଶତକୁ ଖସିଆସିଛି । ୧୯୯୦ ପର୍ଯ୍ୟନ୍ତ ଏହି ଦାରିଦ୍ରତା ଚାଲୁରହିଥିଲା । କିନ୍ତୁ ପରେ ଲୋକମାନଙ୍କ ଏହି ଦରିଦ୍ରତା ଆସ୍ତେ ଆସ୍ତେ କମି ଆସିଲା ବିଶେଷ କରି ଗ୍ରାମ ଗୁଡ଼ିକରେ ଦାରିଦ୍ରତା ବିଶେଷ ଭାବେ ସ୍ତ୍ରୀ ଲୋକ, ଆଦିବାସୀ ଓ ହରିଜନ ମଧ୍ୟରେ ଦେଖାଯାଏ । ଗତ ୫୦ ବର୍ଷ ଧରି ଦାରିଦ୍ରତା ଓ କ୍ଷୁଧାନିବାରଣ ନିମନ୍ତେ ଚେଷ୍ଟା କରାଯାଉଛି ।

**ଦାରିଦ୍ରତା ଏବଂ କ୍ଷୁଧା ବିରୁଦ୍ଧରେ ସମରକୌଶଳର ଉତ୍ପତ୍ତି**

୧୯୫୦ ଏବଂ ୧୯୬୦ରେ ଭାରତରେ ଯେ ଗୃହୋପକରଣ ମୂଲ୍ୟବାନ୍ ବସ୍ତୁ ଏବଂ ଦେଶର ମୌଳିକ ସୁବିଧା ସୁଯୋଗ ଭଳି ପ୍ରାଥମିକ ଉନ୍ନୟନ ଦିଗରେ ଏକ ବିଶାଳ ଲଗାଣ କରାଯାଉଛି । ୧୯୭୦ରେ ଏକ ଜାଗୃତି ସୃଷ୍ଟି କରାଗଲା ଯେ ଗୃହପୋକରଣ ବସ୍ତୁ ବ୍ୟତୀତ ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ବେଶୀ ପ୍ରାଧାନ୍ୟତା ରହିଛି । ୧୯୮୦ରେ ଦାରିଦ୍ରତା ପରିବର୍ତ୍ତନର ଆଉ ଦୁଇଟି ଅଂଶ ଦେଖାଗଲା । ବ୍ୟାପକ–ଶ୍ରମ ବୃଦ୍ଧି ଦ୍ୱାରା ମୁକ୍ତ ଅର୍ଥନୀତି ଏବଂ ସୁବିଧା ସୁଯୋଗର ଲଗାଣ ଏବଂ ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ସୁବିଧା ଯୋଗାଇଦେବ । ୧୯୯୦ରେ "ସରକାର" ଏବଂ "ପ୍ରତିଷ୍ଠାନ" ସୁଯୋଗ ଦ୍ୱାରା ଦାରିଦ୍ର ଉପରେ ଆକ୍ରମଣ କରିବା ନିମନ୍ତେ କେନ୍ଦ୍ର ନିକଟକୁ ଗଲେ, ଏବଂ ୨୦୦୧ରେ ବିଶ୍ୱବ୍ୟାଙ୍କକୁ ଗଲେ ସୁରକ୍ଷା ଏବଂ ପ୍ରତିଷ୍ଠାନ ଗଠନ ନିମନ୍ତେ ।

ଦୁଇ ଦଶନ୍ଧି ହେବ ଦାରିଦ୍ରକୁ କମାଇବା ନିମନ୍ତେ ଅନେକ ଚେଷ୍ଟା ଚାଲିଛି । ଏବଂ ଏହି ଦାରିଦ୍ରତା ଏବଂ କ୍ଷୁଧା ନିବାରଣ ନିମନ୍ତେ ଅନେକ ଅର୍ଥ ମଧ୍ୟ ଖର୍ଚ୍ଚ କରାଗଲାଣି । ବିଶେଷକରି ବଞ୍ଚିତ ରହୁଥିବା ଗ୍ରାମ୍ୟ ଅଧିବାସୀମାନଙ୍କୁ ଉନ୍ନୟନ ସଂସ୍ଥାର ମୁଖ୍ୟଧାରାକୁ ଅଣାଯାଉଛି । କ୍ରମାଗତ ଏକ ଚେଷ୍ଟା ଚାଲିଛି ଉତ୍ତମ ବୁଝାମଣା ଦ୍ୱାରା ଦାରିଦ୍ରତା ଓ କ୍ଷୁଧାର ସମାପ୍ତି କରିବା ପାଇଁ ।

**କ୍ଷୁଧା, ଦାରିଦ୍ରତା ଏବଂ ଜୀବନ ଧାରଣର ବୁଝାମଣା –**


ଦାରିଦ୍ରତା ଗଭୀର ଭାବରେ ଜଡ଼ିତ ରହିଛି । ସମ୍ବଳର ଅଭାବ ଅଥବା ସମ୍ବଳକୁ ଉତ୍ପାଦନ ଦିଶାରେ ସହି ବ୍ୟବହାରର ଅକ୍ଷମତାରେ । କ୍ଷୁଧା ହେଉଛି ଅସହ୍ୟ ଦାରିଦ୍ର୍ୟର ଏକ ଲକ୍ଷଣ । ଏହି ଲକ୍ଷଣ ସାମାଜିକ, ଆର୍ଥିକ ଏବଂ ଶିକ୍ଷା ସହ ସ୍ୱର ଓ ପ୍ରତିନିଧିତ୍ୱ ଅଭାବ, ଶକ୍ତିବିହୀନ, ରୁଗ୍ଣ ସ୍ୱାସ୍ଥ୍ୟ, ଆୟର ଅଭାବ ସହ ମଧ୍ୟ ଜଡ଼ିତ । ଗରିବ ଲୋକମାନେ ଅନେକ ସମୟରେ ଏଇ ଅର୍ଥ ପାଆନ୍ତି ନାହିଁ ଖାଦ୍ୟ କିଣି ଖାଇବା ନିମନ୍ତେ ଅଥବା ଉତ୍ପାଦନ କରିବା ନିମନ୍ତେ ।

ଇ ଆଇ ଆର୍ ଏଫ୍ ପି ବିଶ୍ୱାସ କରେ ଯେ ବ୍ୟକ୍ତିଗତ ଓ ଗୋଷ୍ଠୀ ଜୀବିକା ନିର୍ବାହ କେତେଗୁଡ଼ିଏ ଶ୍ରେଣୀର ଗଢ଼ିଉଠିଥାଏ ଯଥା, ମାନବିକ, ସାମାଜିକ, ପ୍ରାକୃତିକ, ଶାରୀରିକ, ଏବଂ ଆର୍ଥିକ (କାରନେ, ୧୯୯୮) କ୍ଷୁଧା ଏବଂ ଖାଦ୍ୟର ଉତ୍ପିଡ଼ନକୁ ଦୂର କରିବା ପାଇଁ ଆମକୁ ବିଭିନ୍ନ ଉପକରଣର ମହତ୍ତ୍ୱ ଉପଲବ୍ଧି କରିବାକୁ ହେବ । ତେଣୁ ବ୍ୟକ୍ତିବିଶେଷ ଓ ଗୋଷ୍ଠୀର ଜୀବିକା ନିର୍ବାହନ ପାଇଁ କେତେ ଗୁଡ଼ିଏ ଉନ୍ନତି ଅଣାଯାଇ ପାରିବ ।

> ଇ ଆଇ ଆର୍ ଏପ୍ ପି ଗ୍ରାମିଣ ବିକାଶ ଟ୍ରଷ୍ଟ (ଜିଭିଟି) ଦ୍ୱାରା ଚାଳିତ ହୁଏ ଭାରତ ସରକାର ଏବଂ କେ ଆର ଆଇ ବି ଏଚ୍ ସି ଓର ସହଯୋଗରେ ଏବଂ ୟୁକେ ଡ଼ିପାର୍ଟମେଣ୍ଟ ଫର୍ ଇଣ୍ଟର ନ୍ୟାସନାଲ୍ ଡ଼େଭେଲପ୍‌ମେଣ୍ଟ (ଡ଼ିଏଫ୍‌ଆଇଡ଼ି)ର ଆର୍ଥିକ ସହାୟତା ଦ୍ୱାରା । ଏହି ଯୋଜନା ପରିବର୍ତ୍ତନର ଏକ ପଦ୍ଧତି ଚିନ୍ତାକଲା ଯେ କିପରି ପୂର୍ବଭାରତର ୩ଟି ସ୍ଥାନ ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ଥିବା ଦରିଦ୍ର ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କର ଜୀବନଶୈଳିକୁ ପରିବର୍ତ୍ତନ କରିପାରିବ ।
>
> ଏହି ଯୋଜନା ଏକ ପଦ୍ଧତି ଗଠନ କଲା ଯେଉଁଥିରେ କି ଅନୁନ୍ନତ ପୁରୁଷ ଓ ସ୍ତ୍ରୀ ଲୋକମାନେ ଏହି କାର୍ଯ୍ୟରେ ଯୋଗଦାନ କରିବେ, ନେତୃତ୍ୱ ନେବେ, ସେମାନଙ୍କ ଜୀବନ ଧାରଣର ଅବସ୍ଥାକୁ ଉନ୍ନତି କରିପାରିବେ ସେହି କାର୍ଯ୍ୟକ୍ରମର ଉତ୍ପତ୍ତି ମାଧ୍ୟମରେ ବିଶେଷ ଦୃଷ୍ଟି ଦିଆ ଗଲା ଆଦିବାସୀ ଗୋଷ୍ଠି ଓ ମହିଳା ମାନଙ୍କ ଉପରେ

**ପି ଆର ଏର ବ୍ୟବହାର ସଂପର୍କରେ ଜାଣିବା –**

ପୂର୍ବ ଭାରତୀୟ ବର୍ଷା କାଳୀନ ଚାଷ ପ୍ରକଳ୍ପ (ଇ ଆଇ ଆର ଏଫ ପି) ଏକ ଗ୍ରାମାଞ୍ଚଳ ମୂଲ୍ୟାୟନ (ପି ଆର ଏ) ପଦ୍ଧତି ଦ୍ୱାରା ଏକ ଅନୁଭୂତି ପାଇଲା ଯେ କିପରି ଲୋକମାନେ ଓ ଗୋଷ୍ଠୀ ସେମାନଙ୍କର ଜୀବିକା ନିର୍ବାହନର ଉନ୍ନତି ଗଠନ କରିପାରୁଛନ୍ତି ଏକ ଲକ୍ଷ ରଖାଯାଇଛି, ଖାଦ୍ୟ ସଂରକ୍ଷଣ ଏବହଂ କ୍ଷୁଧା ଦୂରିକରଣର ଏକ ଦୃଷ୍ଟାନ୍ତ ଗଢ଼ିବା ପାଇଁ ।



ଗୋଷ୍ଠୀ ସଭ୍ୟମାନେ ଏକ ସାମାଜିକ ଚିତ୍ର ତିଆରି କରୁଛନ୍ତି ।

ପି ଆର୍ ଏର ପଦ୍ଧତି ଇ ଆଇ ଆର ଏଫ୍ ପି ସଂପ୍ରଦାୟର ପରିସ୍ଥିତି, ସମ୍ଭବତା, ଏବଂ ବାସ୍ତବତାର ସତ୍ୟାସତ୍ୟ ବିଷୟରେ ସେମାନଙ୍କୁ ଦେଖାଶୁଣା କରିବା ପାଇଁ ସୁବିଧା ଯୋଗାଇ ଆସୁଛି । ସମସ୍ୟା ଗୁଡ଼ିକୁ ଚିହ୍ନଟ କରି ତାର ଉତ୍ତମ ବୁଝାମଣା ନିମନ୍ତେ ଜାଗୃତି ସୃଷ୍ଟି ମଧ୍ୟ କରୁଛି । ଇ ଆଇ ଆର୍ ଏଫ୍ ପି ଗୋଷ୍ଠି ମଧ୍ୟ ସ୍ୱ ଇଚ୍ଛାରେ ସେମାନଙ୍କର ନିଜ ସୁପାରିଶ୍‌କୁ କାର୍ଯ୍ୟରେ ପରିଣତ କରୁଛନ୍ତି ।

ଇ ଆଇ ଆର୍ ଏଫ ପି ଦ୍ୱାରା ସମସ୍ତଙ୍କୁ ନେଇ ଯେଉଁ କାର୍ଯ୍ୟ କରାଗଲା ସେଥିରେ କ୍ଷୁଧାର ମୌଳିକ କାରଣ ଗୁଡ଼ିକ ବୁଝାଗଲା – ସେଗୁଡ଼ିକ ହେଲା ଜୀବନଧାରଣର ବିଷୟ ବସ୍ତୁ ବୁଝିବା (ତୋମର୍ ଏଟ୍ ଅଲ – ୨୦୦୧) ଏବଂ ପଦ୍ଧତି, ଅନୁଷ୍ଠାନ ଏବଂ ଅଭ୍ୟାସ ଯାହାକି ଗରିବ ଲୋକଙ୍କ ବ୍ୟବହାରରେ ପ୍ରଭାବ ପକାଏ ସେଗୁଡ଼ିକୁ ନେଇ ଆଲୋଚନା କରାଗଲା । ପିଆର୍ ଏ ମାପଦଣ୍ଡ କେବଳ ସୂଚନା ସଂଗ୍ରହ କରିବାକୁ ସକ୍ଷମ ନୁହେଁ ବରଂ ଏହା ବ୍ୟକ୍ତି ମଧ୍ୟରେ ଜାଗୃତି ମଧ୍ୟ ସୃଷ୍ଟି କରେ ଯେଉଁ ମାନେ କି ଦାରିଦ୍ରତା ଓ କ୍ଷୁଧା ବିରୁଦ୍ଧରେ ମୁଖ୍ୟ ନେତା ସ୍ୱରୂପ କାର୍ଯ୍ୟ କରିପାରନ୍ତି । ଇ ଆଇ ଆର ଏଫ୍ ପି ଦ୍ୱାରା ଦିଆଯାଇଥିବା ମାପଦଣ୍ଡର ବିଷୟବସ୍ତୁର ଉଦାହରଣ ତଳେ ଦିଆଯାଇଛି ।

| | | |
|---|---|---|
| ମାନବିକ<br>ମାନବୋଚିତ ଜନସଂଖ୍ୟାର ସୂଚନା<br>କୌଶଳ ଏବଂ ଦଖଲ ମହିଳାର ଭୂମିକା<br>ଏବଂ ଦାୟିତ୍ୱ ମାନ ସ୍ୱାସ୍ଥ୍ୟ ଏବଂ ପୋଷଣ | ସାମାଜିକ<br>ସାମାଜିକ ମାନଚିତ୍ର ସଂପଦର ବିଭାଗ<br>ସମୟ ରେଖା ପରିବାର ବୃକ୍ଷ ଯାଯାବର<br>ପ୍ରଥା | ପ୍ରାକୃତିକ<br>ପ୍ରାକୃତିକ ସମ୍ବଳ ମାନଚିତ୍ର<br>ଋତୁକାଳୀନ ଦଖଲ<br>ମୁଦ୍ରା ଧାର ବିଭାଗ ଜଙ୍ଗଲ<br>ଏବଂ ଜୀବନଧାରଣର<br>କୌଶଳ |
| ଶାରୀରିକ<br>ଭୌଗଳିକ ମାନଚିତ୍ର ଅନୁଷ୍ଠାନ<br>ଏବଂ ଦେଶର ମୌଳିକକୁ ସୁବିଧାର<br>ମାନଚିତ୍ର (ଭେନ୍ ଡ଼ାଇଗ୍ରାମ) ମାନଦଣ୍ଡ<br>ଏବଂ ଜିନିଷର ବ୍ୟବହାର | ଆର୍ଥିକ<br>ଅନୁଷ୍ଠାନର ସଞ୍ଚୟ<br>ଅନୁଷ୍ଠାନର ଋଣ | |

**ନିର୍ଦ୍ଦେଶ**

କାର୍‌ନେ ଡ଼ି ୧୯୯୮ ରକ୍ଷଣୀୟ ଗ୍ରାମ୍ୟ ଜୀବିକା – ଆମ୍ଭେ ମାନେ କି ଯୋଗଦାନ ତିଆରି କରିପାରିବା ?ଲଣ୍ଡନ, ୟୁକେ, ଡ଼ିପାର୍ଟମେଣ୍ଟ ଫର୍ ଇଣ୍ଟରନ୍ୟାସ୍‌ନାଲ୍ ଡ଼େଭେଲପ୍‌ମେଣ୍ଟ

ତୋମର ଭି ଏସ୍, ଗ୍ୟାଗୱାର ଜେ ଏସ୍ ଏବଂ ସାହାଯ୍ ବି କେ ୨୦୦୧ – ଗରିବ ପୁରୁଷ ଓ ସ୍ତ୍ରୀ ମାନଙ୍କ ପାଇଁ – ଦୀର୍ଘ ସ୍ଥାୟୀ ଜୀବନଧାରଣ ପଦ୍ଧତିର ଉପରେ । ଇ ଆଇ ଆର୍ ଏଫ୍ ପିର ଏକ ଅନୁଭୂତି, କୋପେନ୍ ହାଗେନ୍, ଡ଼େନ ମାର୍କ : www.anthrobase.org

ବିଶ୍ୱ ବ୍ୟାଙ୍କ ୨୦୦୧ ଦାରିଦ୍ରତା ପ୍ରତି ଆକ୍ରମଣ – ସୁଯୋଗ, ସଶକ୍ତି ଏବଂ ସୁରକ୍ଷା ଏକ ବିଶ୍ୱ ଉନ୍ନୟନ ଯୋଜନା ୨୦୦୦–୦୧, ୱାଶିଙ୍ଗଟନ, ଡ଼ିସି, ୟୁଏସ୍‌ଏ, ୱାର୍ଲଡ଼ ବ୍ୟାଙ୍କ

ଭାରତ ବିଶ୍ୱ ବ୍ୟାଙ୍କ ୧୯୯୭ରେ ଦାରିଦ୍ର୍ୟଦୂରୀକରଣ ନିମନ୍ତେ ଶପଥ ନେଲା ଓ ସଫଳତା ପାଇଲା, ଦିଲ୍ଲୀ – ଭାରତ ବିଶ୍ୱ ବ୍ୟାଙ୍କ

ବିନୟ ସହାୟେ ଫିଲ୍ଡ ସ୍ପେଶିୟାଲିଷ୍ଟ (ସାମାଜିକ ଉନ୍ନତି) ଗ୍ରାମୀଣ ବିକାଶ ଟ୍ରଷ୍ଟ ରାଞ୍ଚି, ଝାଡ଼ଖଣ୍ଡ । ତାଙ୍କ ସହିତ ଯୋଗାଯୋଗ ପାଇଁ at <sahaybinay@yahoo.co.in>

## ଦାରିଦ୍ର୍ୟ ଶ୍ରେଣୀ ମାପଦଣ୍ଡ
## ଇ ଆଇ ଆର୍ ଏଫ୍ ପିର ଆକ୍ରମଣାତ୍ମକ ସମୀକ୍ଷଣର ଏକ ଅନୁଭୂତି

ବିନୟ ସହାୟ

### ଇଆଇଆର୍ଏଫ୍ପି[୩]ରେ ଦାରିଦ୍ର୍ୟ ଶ୍ରେଣୀ

ଦାରିଦ୍ର୍ୟ ଶ୍ରେଣୀ ମାପଦଣ୍ଡ ବିଭାଗକୁ ବ୍ୟବହାର କରି ଇ ଆଇ ଆର୍ ଏଫ୍ ପି ଗ୍ରାମବାସୀ ମାନଙ୍କୁ ୩ଟି ଶ୍ରେଣୀର ଗୋଷ୍ଠୀ ସଭ୍ୟମାନଙ୍କୁ ଚିହ୍ନଟ କରିବାପାଇଁ ସୁବିଧା ଯୋଗାଇ ଦେଇଥିଲା ।

୧) ପ୍ରୟୋଜନରୁ ଅଧିକ ବସ୍ତୁ – ଭୂମି, କାର୍ଯ୍ୟ ବା ବ୍ୟବସାୟ, କ୍ରୟ କରିବାର କ୍ଷମତା, ଉତ୍ପାଦନ ପାଇଁ ସମ୍ବଳ, ଋଣର ମାଧ୍ୟମ, ବର୍ଷକ ମଧ୍ୟରେ ଖାଦ୍ୟ ଏବଂ ବସ୍ତ୍ରର ଯୋଗାଡ଼

୨) ସ୍ୱୟଂ ପର୍ଯ୍ୟାପ୍ତ – ଉଚ୍ଚ ଭୂମି, ଭାଗ ଶସ୍ୟ ବୁଣିବା, କ୍ଷୁଦ୍ର ମୂଲ୍ୟ ଉପାର୍ଜନ ପୁରା ବର୍ଷ କମ୍‌ସେ କମ୍‌ଦିନକୁ ଦୁଇ ଥର ଖାଦ୍ୟ, ସୀମିତ ଯାଯାବର ଭାବେ ବାହାରକୁ ଯିବା ବା ଆଦୌ ନ ଯିବା।

୩) ନ୍ୟୁନତା – କ୍ଷୁଦ୍ର ଜମି ବା ଜମିବିହୀନ, ଜମିର ରୁଗ୍‌ଣ ଅବସ୍ଥା, ଭାଗ ଶସ୍ୟ ବୁଣିବା ଓ କାଟିବା, ମୂଲ୍ୟ ଉପାର୍ଜନ, ଖାଦ୍ୟ ବିନା ଦିନ, ଯାଯାବର, ଅନୁନ୍ନତ ଗୃହ, ଅସହ୍ୟ କରଜ ।

"ନ୍ୟୁନତା" ଶ୍ରେଣୀ "ଦରିଦ୍ର ମଧ୍ୟରେ ଅଧିକ ଦରିଦ୍ର" ବୋଲି ଜଣାଯାଉଥିଲା । ଏହି ଯୋଜନା ପୁନର୍ବାର ଗୃହ ଗୁଡ଼ିକର ସୀମା ପୂରଣ କରିବା ପାଇଁ ଅନ୍ୟ ଏକ ବିଭାଗ ବାହାର କଲା ।

* କମ୍ ନ୍ୟୁନତା – ଅଳ୍ପ ଭୂମି ଏବଂ ବିସ୍ତୀର୍ଣ୍ଣ ଉଚ୍ଚ ଭୂମି ଓ ଭୂମି ହିନ ଭାଗ ଚାଷୀମାନେ ତାଙ୍କର ଜୀବନ ନିର୍ବାହ ପାଇଁ ତାଙ୍କର ଦୈନିକ ପାରିଶ୍ରମିକ ଉପରେ ନିର୍ଭର କରୁଥିଲେ ଏବଂ ସେମାନେ ବଡ଼ ବୋଝ ବୋହିବାରେ ନିୟୋଜିତ ହେଉଥିଲେ । ଗୃହର କେତେକ କାର୍ଯ୍ୟକାରୀ ହାତ ଏବଂ ଦମ୍ପତ୍ତି ଓ ଛୋଟ ଛୋଟ ଶିଶୁ ମାନେ ମଧ୍ୟ ଏହି କାର୍ଯ୍ୟ କରୁଥିଲେ । ଅନେକ ମାସ ଧରି ବାହାରେ ରହୁଥିବା ଲୋକମାନେ, ଶିଳ୍ପୀ ଏବଂ ପ୍ରଥାରେ ନିପୁଣ ଦଳ ଏବଂ ଅନେକ ସାମାଜିକ ଜାତି ଗ୍ରାମ ମଧ୍ୟରେ ବାସ କରନ୍ତି ।
* ବି ଏଲ୍ ଏ ଡ଼ି(ଜୀବନ ଓ ମରଣ ମଧ୍ୟରେ) – ବୟସ୍କ, ମାନସିକ ଏବଂ ଶାରୀରିକ ବିକଳାଙ୍ଗ, ପରିବାର ବିହୀନ, ଜଳ ସମସ୍ୟାରେ ଥିବା ଗୃହ ଗୁଡ଼ିକ, ବିଧବା ମାନେ ନିଜ ଶିଶୁ ମାନଙ୍କ ସହ ଯେଉଁ ମାନେ ପାରିବାରିକ ସାହାଯ୍ୟ ପାଆନ୍ତି ନାହିଁ, ପରିବାରର ଯେଉଁ ସଦସ୍ୟ ଦୀର୍ଘ ସମୟ ଧରି ଅସୁସ୍ଥ, ଏବଂ ଅନେକ ସମୟରେ ଭିକ୍ଷା ବୃତ୍ତି କରି ବଞ୍ଚେ ।

ଏହି ଦାରିଦ୍ର୍ୟ ଶ୍ରେଣୀ କାର୍ଯ୍ୟକୁ ଚାଲୁ ରଖିବା ପାଇଁ ଗ୍ରାମବାସୀମାନେ "ଉତ୍ତମ–ସ୍ଥିତି" ବିଭାଗକୁ ନିଜ ଗ୍ରାମ ମଧ୍ୟରେ ଚିହ୍ନଟ କରିଛନ୍ତି । ପଞ୍ଚମ ଏବଂ ନିମ୍ନ ଅସହାୟ ବ୍ୟକ୍ତି ଏହି "ବି ଏଲ୍ ଏ ଡ଼ି ହାଉସ୍‌ହୋଲ୍ଡ" ଯୋଜନା ପାଇଁ ସମାନଭାବେ ଚିହ୍ନିତ କରାଯାଇଛି ।

ନିମ୍ନ ଏବଂ ଚତୁର୍ଥ ଶ୍ରେଣୀ ହେଉଛି ପରିବାର ଯେଉଁମାନେ କି ସାରାବର୍ଷ ଖାଦ୍ୟ ପାଇଁ ସଂଘର୍ଷ କରନ୍ତି ଏବଂ କୁପୋଷଣର ସମ୍ମୁଖୀନ ହୁଅନ୍ତି । ସେମାନଙ୍କର ପିଲାମାନେ ସ୍କୁଲ୍ ଯାଆନ୍ତି ନାହିଁ କାହିଁକିନା ସେମାନେ ବର୍ଷର ଅଧିକାଂଶ ସମୟ ଗ୍ରାମ ଛାଡ଼ି ବାହାରକୁ ଯାଆନ୍ତି ।

ତୃତୀୟ ଶ୍ରେଣୀ ଯୋଜନା କାଳରେ ଏହାକୁ "ଉଚ୍ଚ ନ୍ୟୁନତା" କୁହାଯାଉଥିଲା – ଗୃହର କାର୍ଯ୍ୟକ୍ଷମ ଯୁବା ମାନଙ୍କୁ ନେଇ ଏହା ତିଆରି କରାଗଲା । ତୃତୀୟ ଏବଂ ଚତୁର୍ଥ ଶ୍ରେଣୀରେ ଲୋକମାନେ ଖାଦ୍ୟ ପାଇଁ କମ୍ ସଂଘର୍ଷ କରନ୍ତି । 'ଉଚ୍ଚ ନ୍ୟୁନତା' ଶ୍ରେଣୀର ଲୋକମାନେ ଛୋଟ ବ୍ୟବସାୟ ବା ଇ କନଟ୍ରାକ ଲେବର କରି ପୁରା ବର୍ଷ ପାଇଁ ଖାଦ୍ୟ ସଂଗ୍ରହ କରିପାରନ୍ତି ।

ଏବଂ ଦୁଇଟି "ଉଚ୍ଚ" ଶ୍ରେଣୀ ପରିବାର ହେଲେ "ସ୍ୱୟଂ" ପର୍ଯ୍ୟାପ୍ତ ଏବଂ "ଅପେକ୍ଷାକୃତ ଅଧିକ" – ଏମାନେ ଅଳ୍ପ ସଂଘର୍ଷକାରୀ ଏମାନେ ଯୋଜନାର ଲକ୍ଷ୍ୟ ଦଳର ନୁହଁନ୍ତି ତଥାପି ସେମାନଙ୍କ ଅଂଶ ଗ୍ରହଣ ସାହାଯ୍ୟ କରିଥାଏ ଯେଉଁଠାରେ କି ସେମାନଙ୍କର ସମ୍ବଳ ଏବଂ ଦକ୍ଷତା ଗରିବ ପୁରୁଷ ସ୍ତ୍ରୀ ମାନଙ୍କର ଲାଭ ନିମନ୍ତେ ବ୍ୟବହାର କରାଯାଏ ।

### ସମର କୌଶଳ ଗୁଡ଼ିକ

ବିଭିନ୍ନ ବିଭାଗର ଏକ ଜୀବନଧାରଣର ଦୃଷ୍ଟିକୋଣ ଏହି ଯୋଜନା ଦ୍ୱାରା ଚିହ୍ନିତ ହେଲା ଯାହା ଦ୍ୱାରା ଦେଖାଯାଏ ଯେ ଦରିଦ୍ର ଶ୍ରେଣୀର ବିଭିନ୍ ପ୍ରକାରର ସମର କୌଶଳ ରହିଆସିଛି ଯାହାକି ତାଙ୍କର ଅଭାବ ପରିସ୍ଥିତି ସହ ଜଡ଼ିତ । ଅପର ପକ୍ଷେ "ନିମ୍ନ ନ୍ୟୁନତା" ପରିବାର ଗୁଡ଼ିକ ଅଧିକ ସମୟ ଧରି ଅନ୍ୟତ୍ର ରହୁଛନ୍ତି, ଏବଂ କ୍ଷୁଦ୍ର – ପ୍ରାପ୍ୟ କାର୍ଯ୍ୟ ସହ ଜଡ଼ିତ ଯେପରିକି ବୋଝ ମୁଣ୍ଡେଇବା, ଏବଂ ଜାଳେଣି କାଠକୁ ବିକିବା, ବ୍ଲାଡ୍ ପରିବାର ଗୁଡ଼ିକ ବେଳେ ବେଳେ କ୍ଷୁଧା, ପୋଷଣର ଅଭାବରେ କାର୍ଯ୍ୟ କରନ୍ତି ଏବଂ ବାସକରନ୍ତି ।

---

[୩] ଇ ଆଇ ଆର୍ ଏଫ ପି – ଇସ୍‌ଟାରନ୍ ଇଣ୍ଡିଆ ରେନ୍‌ଫେଡ୍ ଫାରମିଂ ପ୍ରୋଜେକଟ୍ ଏବଂ ଏହା (ପିଆରଏ) ଅଂଶଗ୍ରାହୀ ଗ୍ରାମିଣ ବିଶ୍ଳେଷଣର ପଦ୍ଧତିରେ କୃଷକ ଗୋଷ୍ଠି ମଧ୍ୟରେ ଜୀବିକା ନିର୍ବାହର ବିଶ୍ଳେଷଣ କରେ ।

ସେହି ପରିବାର ଗୁଡ଼ିକ ବ୍ୟବହାର କରିବା ନିମନ୍ତେ ଋଣର ସୁବିଧା ପାଆନ୍ତି ନାହିଁ ।


ଯୋଜନାର ଦାରିଦ୍ର ଦୂରୀକରଣ ସମର କୌଶଳ ପ୍ରତ୍ୟକ୍ଷ ଭାବେ ଦର୍ଶନ କଲା ଯେ ପରିବାର ଗୁଡ଼ିକର ଏକ ଭିନ୍ନ ଧରଣର ଉନ୍ନତି ନିମନ୍ତେ ଏବଂ ଗୋଷ୍ଠୀ ଗୁଡ଼ିକ ସାହାଯ୍ୟ ଦେବା ପାଇଁ ଉଭୟ ଆର୍ଥିକ ଏବଂ ସାମାଜିକ ଭାବେ ଦାରିଦ୍ର୍ୟ ଦୂରୀକରଣ ଉପାୟ ବାହାର କରିଛନ୍ତି । ଯୋଜନା କୌଶଳ ଅନୁକୂଳ ପରିବେଶର ପରିବର୍ତ୍ତନର ଉତ୍ପତ୍ତି, ବୁଝାମଣାର ଉନ୍ନତି, ଗୋଷ୍ଠୀର ସଭ୍ୟମାନଙ୍କ ମଧ୍ୟରେ ଏବଂ ଆଦିବାସୀ ଗ୍ରାମବାସୀ ଓ ମହିଳା ମାନଙ୍କର ଉତ୍ସାହ ସହିତ ଜଡ଼ିତ ।

ଦଳ ସାମାଜିକ ମାନ୍ୟତା, ଅବସ୍ଥା ଏବଂ ସୁରକ୍ଷା ବିଶେଷ କରି ପ୍ରାନ୍ତୀୟ ଦଳକୁ ଦୃଷ୍ଟି ନିକ୍ଷେପ କଲେ ଏବଂ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟା ଦ୍ୱାରା ସେମାନଙ୍କୁ ସାହାଯ୍ୟ କଲେ । ଏହା ସେମାନଙ୍କୁ ନିଜର ସ୍ୱୟଂ ସେବୀ ଦଳ ଗଠନ କରିବା ପାଇଁ ପ୍ରୋତ୍ସାହନ କଲେ ଯାହାଦ୍ୱାରା ସେମାନେ ବିଭିନ୍ନ କାର୍ଯ୍ୟ ପାଇଁ ଋଣ ପାଇପାରିବେ । ସାମାଜିକ ସମ୍ବଳର ଉନ୍ନତି କରି, ବ୍ୟକ୍ତି, ଦଳ ଓ ଗୋଷ୍ଠି ସମସ୍ତେ ସୁଯୋଗ ସୁବିଧା ପାଇ ପାରିଲେ ।

**ବ୍ଲାଡ୍ ପରିବାରର ଏକ ଘଟଣା –**

ପ୍ରତିବନ୍ଧକକୁ ଏଡ଼ାଇ ଆଗକୁ ଯିବା ପାଇଁ ଏକ ଛୋଟ ସାହାଯ୍ୟ – ଏହାକୁ କାଇପାରାର ଖାନସ୍‌ତିହିର ରେବତୀ ମହାତ ଏହାକୁ ଭଲ ଭାବେ ବୁଝି ପାରିଛନ୍ତି । ସେ ଜଣେ ବିଧବା ଏବଂ କୁଷ୍ଠ ରୋଗୀ । ତାଙ୍କର ଏକ ବିବାହଯୋଗ୍ୟ କନ୍ୟା ଅଛି, ସମାଜ ତାଙ୍କୁ ନିର୍ବାସନ କରିଥିଲା । ତାଙ୍କୁ ତାଙ୍କର ଜୀବିକା ନିର୍ବାହ କରିବା ପାଇଁ ଅତ୍ୟଧିକ ସଂଘର୍ଷ କରିବାକୁ ପଡ଼ିଥିଲା । ଏହି ସମୟରେ ଇ ଆଇ ଆର୍ ଏଫ୍ ପି ତାଙ୍କୁ ଚିହ୍ନଟ କରିଥିଲା ଏବଂ ତାଙ୍କୁ ଏକ ବ୍ଲାଡ୍ ପରିବାର ବୋଲି ଘୋଷିତ କରିଥିଲା । ଇ ଆଇ ଆର ଏଫ ପି ଏକ ଆତ୍ମିୟତା ମୂଳକ ପଦ୍ଧତି ଦ୍ୱାରା ତାଙ୍କୁ ତାଙ୍କର ଏହି ପରିସ୍ଥିତିର ସହ ଲଢ଼ି ତା ମଧ୍ୟରୁ ମୁକୁଳିବା ନିମନ୍ତେ ସାହାଯ୍ୟ ଯୋଗାଇଥିଲା । ଇ ଆଇ ଆର୍ ଏଫ ପି ତାଙ୍କୁ ୨ଟି ଛେଳି ଯୋଗାଇ ଦେଇଥିବା ଏବଂ ଆଉ ଦୁଇଟି ଛେଳି ତାଙ୍କୁ ଗାଁ ଜମା ପୁଞ୍ଜିରୁ ଦେଇଥିଲା । ତାଙ୍କର ଏହି ଅବସ୍ଥା ଦେଖି ଦଳ ଦାୟିତ୍ୱ ବହନ କରିଥିଲା, ତାଙ୍କର ଦିନ ପ୍ରତିଦିନର ଗୁଜୁରାଣ ମେଣ୍ଟାଇବା ପାଇଁ ଧାନରୁ ଅଗାଡ଼ି ବାହାର କରିବା ସାହାଯ୍ୟ ମଧ୍ୟ ରେବତୀଙ୍କୁ ଯୋଗାଇ ଦିଆଯାଇଥିଲା ।

ଏବେ ତାଙ୍କ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି । ସେଇ କାର୍ଯ୍ୟ ତାଙ୍କୁ କେବଳ ଜୀବିକା ନିର୍ବାହରେ ସାହାଯ୍ୟ କଲା ତା ନୁହେଁ ବରଂ ବ୍ୟାଙ୍କ ଜମାରେ ସେ ୨୦୦୦ଟଙ୍କା ମଧ୍ୟ ସଞ୍ଚୟ କରିପାରିଛନ୍ତି । ଏବେ ତାଙ୍କ ପାଖରେ ୧୦ଟି ଛେଳି ଅଛି ଏବଂ ସେଥିରୁ ବଜାର ମଧ୍ୟକୁ ଯାଇ ତାଙ୍କର ବେପାର ସ୍ଥାୟୀ ଭାବେ ଚଳାଇ ପାରିଛନ୍ତି । ଏହା ଅପରନ୍ତୁ ସେ ତାଙ୍କର ଝିଅର ବିଭାଘର ଏକ ପୁଅ ସଙ୍ଗେ କରିଛନ୍ତି । ବର୍ତ୍ତମାନ ସେ ସମାଜରେ ମଧ୍ୟରେ ସ୍ୱୀକୃତି ଲାଭ କରିଛନ୍ତି ।



ରେବତୀ

ବିନୟ ସହାୟ ଗ୍ରାମିଣ ବିକାଶ ଟ୍ରଷ୍ଟ ରାଞ୍ଚି, ଝାଡ଼ଖଣ୍ଡର ଫିଲ୍ଡ ସ୍ପେଶାଲିଷ୍ଟ (ସାମାଜିକ ଉନ୍ନତି) ହିସାବରେ କାର୍ଯ୍ୟ କରନ୍ତି । ତାଙ୍କ ଯୋଗାଯୋଗର ଠିକଣା – <sahaybinay@yahoo.co.in>

## ଷ୍ଟ୍ରିମ୍ ସଂବାଦପତ୍ର ସଂପର୍କରେ

ଷ୍ଟ୍ରିମ **ଦ୍ୱାରା ପ୍ରକାଶିତ –** ଆଞ୍ଚଳିକ ଜଳକୃଷି ସଂପଦର ପରିଚାଳନାକୁ ସହାୟତା
ନେଟ୍ ୱାର୍କ ଅଫ୍ ଆକ୍ୱାକଲ୍‌ଚର୍ ସେଣ୍ଟରସ୍ ଇନ୍ ଏସିଆ – ପାଶିଫିକ୍ (ଏନ୍ ଏ ସି ଏ) ସେକ୍ରେଟେରିଏଟ
ସୁରାସ୍ୱାଦି ବିଲ୍‌ଡିଙ୍ଗ୍
ଡ଼ିପାର୍ଟମେଣ୍ଟ ଅଫ୍ ଫିସେରିଜ୍ କମ୍ପାଉଣ୍ଡ ।
କାସେଟ୍‌ସାର୍ଟ ୟୁନିଭର୍‌ସିଟି କ୍ୟାମ୍ପସ୍
ଲେଡ଼ିଆଓ, ଜାଟୁଜକ୍, ବ୍ୟାଙ୍କକକ୍ ୧୦୯୦୩
ଥାଇଲାଣ୍ଡ

ସଂପାଦକୀୟ ପ୍ରବନ୍ଧ ଦଳ

କାଥ୍ କୋପ୍‌ଲେ, ଷ୍ଟ୍ରିମ କମ୍ୟୁନିକେସନ୍‌ସ ସ୍ପେଶାଲିଷ୍ଟ
ଗ୍ରାହାମ୍ ହେଲର୍, ଷ୍ଟ୍ରିମ ନିର୍ଦ୍ଦେଶକ
ଲି ଥାନ୍‌ହ ଲୁ, ଷ୍ଟ୍ରିମ୍ ଭିଏତ୍‌ନାମ୍ ନ୍ୟାସ୍‌ନାଲ ସହ–ଯୋଜନକାରୀ
ଉଇଲିୟମ୍ ସାଭେଜ୍, ଷ୍ଟ୍ରିମ୍ ଯୋଗାଯୋଗ ବିଶେଷଜ୍ଞ
ସୋନିଆ ସେଭିଲି, ଷ୍ଟ୍ରିମ ଫିଲିପାଇନ୍‌ସ ନ୍ୟାସ୍‌ନାଲ ସହ–ଯୋଜନକାରୀ
ଥାଇ ସୋମନି, ଷ୍ଟ୍ରିମ କାମ୍ବୋଡ଼ିଆ ନ୍ୟାସ୍‌ନାଲ୍ ସହ–ଯୋଜନକାରୀ

**ଉଦ୍ଦେଶ୍ୟ –**

ଷ୍ଟ୍ରିମ ସମ୍ବାଦପତ୍ରର ଚତୁର୍ଥାଂଶ ଅଂଶ ଗ୍ରହଣକୁ ସଂଯୋଗ ସ୍ଥାପନ, ଏବଂ ନିୟମ ଯାହାକି ଏସିଆ – ପ୍ୟାସିଫିକ୍‌ରେ ଥିବା ଦରିଦ୍ର ଜଳକୃଷି ସଂପଦର ଜୀବନ ଧାରଣକୁ ବ୍ୟବହାର କରନ୍ତି ସେମାନଙ୍କୁ ସାହାଯ୍ୟ ଏବଂ ଅଞ୍ଚଳ ମଧ୍ୟରେ ଥିବା ଜଳକୃଷି ସଂପଦର ପରିଚାଳନା ଏବଂ ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟରେ ଥିବା ସଂପର୍କକୁ ଗଢ଼ି ତୋଳିବା କାର୍ଯ୍ୟକୁ ପ୍ରକାଶିତ କଲା । ଷ୍ଟ୍ରିମ ସମ୍ବାଦପତ୍ର ଏହି ପ୍ରଚାରକୁ ଲୁଚାଇ ରଖିଥିଲା ଯେଉଁଥିରେ କି ଲୋକମାନଙ୍କର ଜୀବଶୈଳୀ ଜଳକୃଷି ପରିଚାଳନା ସହ ସଂପୃକ୍ତ ଥିଲା, ଏବଂ ସରକାର, ଅଣ–ସରକାର ଏବଂ ଆନ୍ତର୍ଜାତିକ–ବ୍ୟବହାରକାରୀ ଯେଉଁମାନେ ସଂପ୍ରଦାୟ ସଙ୍ଗେ ମିଶି କାର୍ଯ୍ୟ କରନ୍ତି । ଏହି ପ୍ରଚାର ମଧ୍ୟ ଶିକ୍ଷା, ଦ୍ୱନ୍ଦ ମୂଳକ ପରିଚାଳନା, ସୂଚନା ଏବଂ ସଂପର୍କ ସ୍ଥାପନକାରୀ କଳାକୌଶଳ ସହ ସଂପୃକ୍ତ, ଜଳକୃଷି ସଂପଦର ପରିଚାଳନା, ବ୍ୟବସ୍ଥାପନା, ଜୀବନନିର୍ବାହନ, ମହିଳା, ଅଂଶଗ୍ରହଣ, ଅଂଶଧିକାରୀ, ନୀତିନିୟମ ଏବଂ ସଂଯୋଗ ସହ ସଂପୃକ୍ତ ।

ଷ୍ଟ୍ରିମର ଅନ୍ୟ ଏକ ସମ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଏକ ବ୍ୟବସାୟିକ ପ୍ରତିଷ୍ଠାନ ବାସ୍ତବରେ ଏକ ଶିକ୍ଷାନୁଷ୍ଠାନକୁ ସ୍ୱାଧୀନ ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗକୁ ଆୟୋଜନ କରିବା ।

ଷ୍ଟ୍ରିମ ସମ୍ବାଦପତ୍ରର ସୂଚୀପତ୍ର କେବଳ ନିର୍ଦ୍ଦିଷ୍ଟ ଅନୁଷ୍ଠାନ ବା ସଂସ୍ଥାର ମତାମତକୁ ପ୍ରତିଫଳ କରିବା ନୁହଁ ବରଂ ଏହା ଲୋକମାନଙ୍କର ନିଜର ପାରଦର୍ଶୀତା ଉପରେ ମଧ୍ୟ ପର୍ଯ୍ୟବେସିତ । ଯେତେବେଳେ ଲେଖକମାନେ ସେମାନଙ୍କର ପ୍ରବନ୍ଧ ଉପରେ ଗୁରୁତ୍ୱ ଦିଅନ୍ତି, ସେତେବେଳେ ଷ୍ଟ୍ରିମ ଯେକୌଣସି ସଂପାଦକୀୟ ପକ୍ଷପାତ ଏବଂ ପ୍ରବାଦର ଦାୟୀତ୍ୱକୁ ଗ୍ରହଣ କରିଥାଏ ।

**ବଣ୍ଟନ –**

ଷ୍ଟ୍ରିମ୍ ସଂବାଦପତ୍ର ତିନୋଟି ନିର୍ଦ୍ଦିଷ୍ଟ ପୁସ୍ତକର ଏକତ୍ର ମୁଦ୍ରଣୀୟ ଅଂଶ ଉପରେ ପର୍ଯ୍ୟବେସିତ ।

* ଏକ ବୈଦୁତିକ ପିଡ଼ିଏଫ୍ ବ୍ୟାଖ୍ୟା ଯାହାକି ଷ୍ଟ୍ରିମ୍ କମ୍ୟୁନିକେସନ୍ ହବ୍ ଦ୍ୱାରା ପ୍ରତ୍ୟେକ ଦେଶରେ ପ୍ରକାଶିତ ଏବଂ ବଣ୍ଟନ କରାଯାଇଛି ।
* ଷ୍ଟ୍ରିମ୍ ୱେବସାଇଟରୁ ମିଳିବ : www.streaminitiative.org
* ଏକ ଲିଖିତ ବ୍ୟାଖ୍ୟା ଯାହାକି ନାକା ସେକ୍ରେଟେରୀଏଟ୍ ଦ୍ୱାରା ବଣ୍ଟନ କରାଯାଇଛି ।

**<u>ଯୋଗଦାନ</u> :–**

ଷ୍ଟ୍ରିମ ସଂବାଦପତ୍ର ଜଳକୃଷି ସଂପଦର ବ୍ୟବହାରୀ ମାନଙ୍କର ଉତ୍ସାହର ପ୍ରବନ୍ଧ ଏବଂ ଯେଉଁମାନେ ସେମାନଙ୍କ ସହିତ କାମ କରନ୍ତି ସେମାନଙ୍କୁ ଉତ୍ସାହିତ କରନ୍ତି । ଷ୍ଟ୍ରିମ ସଂବାଦପତ୍ର ମଧ୍ୟ ସଂପ୍ରଦାୟ–ସ୍ତରର ସହଯୋଗି ମାନଙ୍କର ନିଜର ଅନୁଭୂତିକୁ ମଧ୍ୟ ଏହି ପୃଷ୍ଠାରେ ଉଲ୍ଲେଖ କରିବାରେ ସାହାଯ୍ୟ କରେ ।

ପ୍ରବନ୍ଧ ଗୁଡ଼ିକ ସାଧାରଣତଃ ସରଳ ଇଂରାଜୀ ଭାଷାରେ ଲିଖିତ ଏବଂ ଏଥିରେ, ୧,୦୦୦ରୁ ଅଧିକ ଶବ୍ଦ ନଥାଏ ।
ଏହି ଯୋଗଦାନ ଉଇଲିୟମ୍ ସେଭେଜ୍‌ଙ୍କ ଦ୍ୱାରା ତିଆରି କରାଯାଇଛି ।

ଷ୍ଟ୍ରିମ ଜର୍ନାଲ୍ ଏଡ଼ିଟର୍ at<savage@loxinfo.co.th>
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ଗ୍ରାହାମ୍ ହେଲର୍, ଷ୍ଟ୍ରିମ ଡ଼ାଇରେକ୍ଟର୍ at<ghaylor@loxinfo.co.th>

## ଷ୍ଟ୍ରିମ୍ ସଂପର୍କରେ

ସପୋର୍ଟ ଟୁ ରିଜିଓନାଲ୍ ଏକ୍ୱାଟିକ୍ ରିସୋର୍ସେସ୍ ମ୍ୟାନେଜ୍‌ମେଣ୍ଟ (ଷ୍ଟ୍ରୀମ୍) ନେଟ୍‌ୱାର୍କ ଅଫ୍ ଏକ୍ୱାକଲ୍‌ଚର୍ ସେଣ୍ଟର୍ସ ଇନ୍ ଏସିଆ ପ୍ୟାସିଫିକ୍ (ନାକା) ର ପାଞ୍ଚ ବର୍ଷିଆ କାର୍ଯ୍ୟକ୍ରମ ସହ ସ୍ୱେଚ୍ଛାକୃତ ଭାବେ ଜଡ଼ିତ । ଏହାର ଲକ୍ଷ୍ୟ ହେଉଛି ସଂସ୍ଥା ଏବଂ ଅନୁଷ୍ଠାନକୁ ସାହାଯ୍ୟ କରିବା ।

* ସ୍ଥିତି ଅବସ୍ଥାକୁ ବ୍ୟବହାର କରିବା ଏବଂ ପ୍ରସାରଣକୁ ସଫଳ ଭାବେ ଆଗେଇନେବା ।
* ଦରିଦ୍ର ଲୋକମାନଙ୍କର ଜୀବନନିର୍ବାହନକୁ ଭଲ ଭାବେ ବୁଝିବା
* ଦରିଦ୍ର ଲୋକମାନଙ୍କୁ ବିଭିନ୍ନ ନିତି ଏବଂ ଧାରା ଗୁଡିକ ଯାହାକି ତାଙ୍କ ଜୀବନ ଧାରଣ ଉପରେ ପ୍ରଭାବ ପକାଏ ସେଗୁଡ଼ିକ ବିଷୟରେ ସକ୍ଷମ କରାଇବା ।

ଷ୍ଟ୍ରୀମ ଏହି କାର୍ଯ୍ୟ ନିୟମ ଗୁଡ଼ିକର ଉନ୍ନତିକୁ ସାହାଯ୍ୟ କରିବା ଦ୍ୱାରା ଏବଂ ଧ୍ୟାନ କରିବାର ଧାରା ଗୁଡ଼ିକର ଅନୁଷ୍ଠାନ ଏବଂ କ୍ଷମତା ବୃଦ୍ଧିକରଣ ଦ୍ୱାରା କରିପାରିବ ।

* ଦରିଦ୍ର ଲୋକମାନଙ୍କର ଉପରେ ପ୍ରଭାବ ପକାଉଥିବା ଜଳ କୃଷି ସଂପଦ ପରିଚ଼ାଳନା ପ୍ରଚ଼ାରକୁ ଚ଼ିହ୍ନଟ କରିବା ।
* ବିଭିନ୍ନ ପରିଚ଼ାଳନା ପ୍ରବେଶ ଉପାୟର ନେତୃତ୍ୱ ନେବା ଏବଂ ମୂଲ୍ୟ ନିରୁପଣ କରିବା ।
* ସୂଚ଼ନାକୁ ପ୍ରସାରିତ କରିବା ଏବଂ
* ଦେଶ ଏବଂ ବିଭାଗ ଗୁଡ଼ିକ ମଧ୍ୟରେ ସଂମ୍ପର୍କ ସ୍ଥାପନ ।

ଷ୍ଟ୍ରୀମ ସ୍ୱେଚ୍ଛାପୂର୍ବକ ଅଂଶିଦାର, ଉପରେ ପର୍ଯ୍ୟବେସିତ ଯେଉଁ ମାନେ କି ନାକାକୁ ସାହାଯ୍ୟ କରୁଛନ୍ତି । ଏହା ଏକ ପ୍ରବେଶର ଉପାୟ ଅନ୍ତର୍ଗତକୁ ଗ୍ରହଣ କରିସାରିଛି ।

ଅଂଶୀଦାରୀ କାର୍ଯ୍ୟ ଜାତୀୟ ସହ ସଂମ୍ପର୍କ ସ୍ଥାପନକାରୀ (ଜଣେ ବରିଷ୍ଠ ସହଯୋଗୀ ସରକାରଙ୍କ ସହିତ) ଏବଂ ଜଣେ ସଂଯୋଗ ସ୍ଥାପନକାରୀ କେନ୍ଦ୍ର ପରିଚ଼ାଳକ (ପୂର୍ଣ୍ଣ–ସମୟ ନିୟୋଜିତ ଜଣେ ଜାତୀୟ ସହଯୋଗୀ ଷ୍ଟ୍ରୀମ ଦ୍ୱାରା ପ୍ରଥମ ଦୁଇ ବର୍ଷ ସାହାଯ୍ୟ କରିଥିଲେ ) ଏବଂ ଜାତୀୟ ଅଂଶାଧିକାରୀ ମାନଙ୍କର ଏକ ସଂମ୍ପର୍କ ସ୍ଥାପନକାରୀ ସୀମା ଦ୍ୱାରା ପ୍ରତ୍ୟେକ ରାଜ୍ୟରେ ସହସମ୍ବନ୍ଧିତ ଭାବେ କାର୍ଯ୍ୟ କରେ । ସଂଯୋଗ ସ୍ଥାପନକାରୀ କେନ୍ଦ୍ର କଠିନ ଧାତୁଦ୍ରବ୍ୟ, ନମନୀୟ ଧାତୁ ଦ୍ରବ୍ୟ, ତାଲିମ୍, ସୂଚ଼ନା କୌଶଳ ସାହାଯ୍ୟ, ଏବଂ ସମ୍ପର୍କ ଏବଂ ମାନବିକ ସମ୍ବଳର ସହଯୋଗ ଏବଂ ଜାତୀୟ ଅଂଶାଧିକାରୀ ମାନଙ୍କ ସହ ଆଞ୍ଚଳିକ ସଂମ୍ପର୍କ ସହ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା ।

ଜାତୀୟ ସହ ସମ୍ବନ୍ଧ ବାର୍ଷିକ ସମୀକ୍ଷା ହେଉଥିବା କଣ୍ଟ୍ରି ଷ୍ଟ୍ରାଟେଜୀ ପେପର୍ (ସି ଏସ୍ ପି) ଦ୍ୱାରା ପ୍ରଥ ପ୍ରଦର୍ଶିତ ହୋଇଥିଲା ଯାହାକି ଅଂଶୀଦାର ମାନଙ୍କ ସହାୟତାରେ ସହ ସମ୍ବନ୍ଧକାରୀ ଏବଂ କେନ୍ଦ୍ର ପରିଚ଼ାଳକଙ୍କ ଦ୍ୱାରା ଅଙ୍କିତ, ଯେଉଁମାନଙ୍କ ଦ୍ୱାରା ସେମାନେ ଧାରାବାହିକ ଭାବେ ସଂପର୍କ ସ୍ଥାପନ କରିପାରନ୍ତି ।

ସି ଏସ୍ ପି ମୁଖ୍ୟ ପ୍ରଚ଼ାର, ଆଞ୍ଚଳିକ ସଂପର୍କ ଗୁଡ଼ିକୁ ପ୍ରତିଫଳନ, ମୁଖ୍ୟ କାର୍ଯ୍ୟଗୁଡ଼ିକର ପ୍ରସ୍ତାବ ସମୁହ ଏବଂ ଷ୍ଟ୍ରୀମ୍ ଦ୍ୱାରା ଏବଂ ଅନ୍ୟ ଉପାୟରୁ ଗ୍ରହଣ କରିଥିବା ପୁଞ୍ଜିକୁ (ଷ୍ଟ୍ରୀମର ସହଯୋଗରେ) ଚ଼ିହ୍ନଟ କରେ ।

ଷ୍ଟ୍ରୀମର ଆଞ୍ଚଳିକ କାର୍ଯ୍ୟାଳୟ (ବ୍ୟାଙ୍କକକ୍‌ରେ ଥିବା ନାକା ସେକ୍ରେଟେରୀଏଟ୍‌ରେ) ସେଚ୍ଛାପୂର୍ବକ ଭାବେ ଆଞ୍ଚଳିକ ସହସଂଯୋଗ କାର୍ଯ୍ୟ ସମେତ, ପୁଞ୍ଜି ଏବଂ ଦ୍ୱନ୍ଦ ମୂଳକ କାର୍ଯ୍ୟର ପରିଚ଼ାଳନା କରେ ଯାହାକି ଜୀବିକା ନିର୍ବାହନ, ଅନୁଷ୍ଠାନ, ନିତି ଉନ୍ନୟନ ଏବଂ ସଂଯୋଗ ହେଉଛି ଷ୍ଟ୍ରିମ୍‌ର ଚ଼ାରୋଟି ସମାପ୍ତ ସାରାଂଶ ଉପରେ ପର୍ଯ୍ୟବେସିତ ।

ଷ୍ଟ୍ରୀମର ସ୍ଥାପନା ଏକ ପୁନରୁକ୍ତି ପ୍ରକ୍ରିୟା, ବର୍ତ୍ତମାନ ସ୍ୱେଚ୍ଛା ପୂର୍ବକ କାମ୍ବୋଡ଼ିଆ, ଭାରତ, ଇଣ୍ଡୋନେସିଆ, ଲାଓ ପିଡ଼ିଆର, ମିଆମାର୍ ନେପାଳ, ଭିଏତ୍‌ନାମ୍, ଫିଲିପାଇନ୍‌ସ, ଭିଏତ୍‌ନାମ ଏବଂ ୟୁନାନ୍ ଚ଼ାଇନା ଏସିଆ–ପ୍ୟାସିଫିକ୍ ମଧ୍ୟରେ ବିସ୍ତାରିତ ଭାବେ କାର୍ଯ୍ୟ କରୁଛି । ଯେଉଁ ଠାରେ ଦାରିଦ୍ରକୁ ସମ୍ଭାଳିଥାଏ ଏବଂ ଉତ୍ତମ ପରିଚ଼ାଳନାକୁ ସାହାଯ୍ୟ କରିଥାଏ ଯେଉଁଠାରେ ଅନୁଭୂତି ଲାଭ କରାଯାଏ । ଶିକ୍ଷା ଗ୍ରହଣ କରିବାକୁ ପଡ଼େ, ବଳକା ପୁଞ୍ଜି ସୁରକ୍ଷିତ ରହେ । ଷ୍ଟ୍ରୀମର ଯୋଗାଯୋଗ କୌଶଳର ଲକ୍ଷ୍ୟ ହେଉଛି ସଂପ୍ରଦାୟର ଜ୍ଞାନକୌଶଳକୁ ବୃଦ୍ଧି କରି ସେହି କାର୍ଯ୍ୟର ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି ଏବଂ ସେହି କାର୍ଯ୍ୟରୁ ସେମାନେ ଯାହା ଶିକ୍ଷା ଗ୍ରହଣକରୁଛନ୍ତି ତାହାକୁ ସମଗ୍ର ଏସିଆ–ପ୍ୟାସିଫିକ୍‌ରେ ବିସ୍ତାରିତ ଭାବେ ପ୍ରଚ଼ାର କରୁଛନ୍ତି । ଷ୍ଟ୍ରୀମ୍ ସମ୍ବାଦପତ୍ର ଏବଂ ଷ୍ଟ୍ରୀମ ୱେବସାଇଟ୍ ହେଉଛନ୍ତି ଏହି ସମର କୌଶଳ ଦୁଇଟି ଅଂଶ ।

ଷ୍ଟ୍ରୀମ କମ୍ୟୁନିକେସନ୍ ହବ୍ ମ୍ୟାନେଜର

| | | |
|---|---|---|
| କାମ୍ବୋଡ଼ିଆ | ସେମ୍ ଭିର୍‌ୟାକ୍ | <cfdo@camnet.com.kh> |
| ଇଣ୍ଡିଆ | ରୁବୁ ମୁଖାର୍ଜୀ | <rubumukherjee@redifmail.com> |
| ଇଣ୍ଡୋନେସିଆ | ଆନିଜା ସୁସ୍ମିତା | <indostream@perikanan-budidaya.go.id> |
| ମିୟାମାର୍ | ଖୀନ୍ ମାଉଙ୍ଗ ସୋଇ | <DOF@mptmail.net.com> |
| ନେପାଲ୍ | ନୀଳକଣ୍ଠ ପୋଖ୍‌ରେଲ୍ | <agroinfo@wlink.com.np> |
| ଫିଲିପାଇନ୍‌ସ | ଏଲିଜାବେଥ୍ କୋନ୍‌ଜେଲେସ୍ | <streambfar-phil@skyinet.net> |
| ଭିଏତ୍‌ନାମ୍ | ଏନ୍‌ଗୁୟେନ୍ ସଙ୍ଗ୍ ହା | <streamsapa@vietel.com.vn> |
| ୟୁନାନ୍, ଚ଼ାଇନା | ସୁସାନ୍ ଲି | YNYYCN@KM169.net,blueseven@mail.china.com> |